## ଟିଟିଲାଗଡ଼ ବିଜେଡିରେ ଉତ୍ସବର ମାହୋଲ

ଟିଟିଲାଗଡ,(ଡି.ଏନ.ଏ.): ବରଗଡ ଜିଲା ପଦ୍ମପୁର ଉପନିର୍ବାଚନରେ ବିଜେଡି ର ବାଜିମାତ୍ ପରେ ଟିଟିଲାଗଡ଼ ବିଜେଡିରେ ଗୁରୁବାର ସନ୍ଧ୍ୟାରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି । ସହରର ସମସ୍ତ ଛକରେ ବାଣ ଫୁଟା ଯିବା ସହ ଦଳୀୟ କର୍ମୀମାନେ ଲୋକଙ୍କୁ ମିଠା ବାଣ୍ଟି ଛନ୍ତି । ସହରର ୧୨ ଓ ୧୩ ନମ୍ବର ୱାର୍ଡରେ ବିଜେଡି କାଉନସିଲର ମାନସ ସାହୁ ନିଜର ସମର୍ଥକଙ୍କ ସହିତ ମିଶି ମିଠା ବାଣ୍ଟିଛନ୍ତି । ସହରରେ ମନ୍ତ୍ରୀଙ୍କ ପ୍ରତିନିଧି, ପୌର ଉପାଧକ୍ଷା ପୁଷ୍ପ ମଞ୍ଜରୀ ଜାଲ ଓ ୱାର୍ଡ ସଭ୍ୟାସଭ୍ୟମାନେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଉପସ୍ଥିତ ରହି ବିଜୟ ଉତ୍ସବ ମନାଇଥିଲେ ।

# ଧାନକିଣାରେ ଅବ୍ୟବସ୍ଥା: ଚିନ୍ତାରେ ଚାଷୀ

ଦେଓଗାଁ,୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ପାକ୍ସରେ ନା ନା ଅବ୍ୟବସ୍ଥା ମଧ୍ୟରେ ଧାନ କିଣା ଚାଲିଛି । ମିଲର୍ସ, ଧାନ ବେପାରୀ ତଥା ପାକ୍ସରେ ମଧୁଚନ୍ଦ୍ରିକାରେ ଆରମ୍ଭ ହୋଇଛି ଧାନ କିଣା । ଫଳରେ ପ୍ରକୃତ ଚାଷୀ ଏବେ ସରକାରୀ ଧାର୍ଯ୍ୟ ମୂଲ୍ୟ ନ ପାଇ କ୍ଷତି ସହିବା ନିଶ୍ଚିତ ହୋଇଛି । ରାଜ୍ୟ ସରକାର ଚାଷୀ ଉପାର୍ଜିତ ଧାନକୁ ଠିକ ସମୟରେ ଓ ଉଚିତ୍ ମୂଲ୍ୟରେ ବିକିବା ପାଇଁ ଇ-ପାସ ବ୍ୟବସ୍ଥା କରିଛନ୍ତି । ଚଳିତବର୍ଷ ଚାଷୀଙ୍କ ପଞ୍ଜୀକରଣରେ ମଧ୍ୟ ସ୍ୱଚ୍ଛତା ଆଣିବା ପାଇଁ ସ୍ୱତନ୍ତ୍ର ସଫ୍ଟୱେର ମାଧ୍ୟମରେ ପଞ୍ଜୀକରଣ ହୋଇଛି । ଚାଷୀଙ୍କ

### ମିଲର୍ସ, ବେପାରୀ ଓ ପାକ୍ସରେ ମଧୁଚନ୍ଦ୍ରିକା

ପାଖକୁ ଠିକ୍ ସମୟରେ ଟୋକନ ମଧ୍ୟ ଆସିଛି । ହେଲେ ଚାଷୀର ଧାନ କେତେ କେଜି କଟନୀ ଛଟନୀ ହେବ ତାହା ନ ଛିଣ୍ଡିବାରୁ ଅନେକ ପାକ୍ସରେ ଧାନ କିଣାରେ ବିଳମ୍ବ ପରିଲକ୍ଷିତ ହୋଇଛି । ପାକ୍ସଗୁଡିକରେ ଧାନ ବିକ୍ରି ଆରମ୍ଭ ପୂର୍ବରୁ ମିଲ ମାଲିକମାନେ ପାକ୍ସରେ ପହଞ୍ଚି ବେପାରୀ ଓ ପାକ୍ସ କର୍ତ୍ତୃପକ୍ଷଙ୍କ ସହ ବୈଠକ କରି ସେଟିଂ ହୋଇ ସାରିଥିବା ଚର୍ଚ୍ଚା ହେଉଛି । ଏପରି କି କୁଇଣ୍ଟାଲ ପିଛା ୪ରୁ ୫ କେଜି ଲେଖାଏ କଟନୀ ଛଟନୀ କରିବା ପାଇଁ ମିଲର୍ସ ରୋକଠୋକ ଶୁଣାଇଥିବା ଓ ବେପାରୀମାନେ ତାହାକୁ ସମର୍ଥନ ଜଣାଇଥିବାରୁ ପ୍ରକୃତ ଚାଷୀ ଏବେ ହରଡଘଣାରେ ପଡିଥିବା ଅଭିଯୋଗ ହେଉଛି । ଯେଉଁ ପାକ୍ସ ମିଲର୍ସ କଥାରେ ରାଜି ହୋଇଛି ସେହି ପାକ୍ସରୁ ବିନା ଦ୍ୱିଧାରେ ଧାନ ଉଠୁଛି । ଧଣ୍ଡାମାଲ ପାକ୍ସରେ ବୁଝାମଣା ନ ହେବାରୁ ମିଲର୍ସ ଏପର୍ଯ୍ୟନ୍ତ ଧାନ ଉଠାଇ ନ ଥିବା ଜଣାପଡିଛି । ସେହିପରି ବଡବନ୍ଧ ପାକ୍ସରେ କିଛି ମିଲର୍ସ ୫ କେଜି କଟନୀ କରିବା ପାଇଁ କହିଥିଲେ । ଚାଷୀ ତିନି କେଜି ଲେଖାଏ କୁଇଣ୍ଟାଲ ପିଛା କାଟିବା ପାଇଁ କହିବାରୁ ମିଲର୍ସ ପାକ୍ସରେ ଚାଲିଥିବା ବୈଠକରୁ ଉଠି ଚାଲିଯାଇଥିବା ଚାଷୀ ମହଲରେ ଆଲୋଚନାର ବିଷୟ ହୋଇଛି । ଫଳରେ ବଡବନ୍ଧ, ଧଣ୍ଡାମାଲ, ବନ୍ଧପଡା, ରାମଚନ୍ଦ୍ରପୁର ପାକ୍ସରେ ମଧ୍ୟ ଅଦ୍ୟାବଧି ଧାନ ଉଠି ପାରିନାହିଁ । ଯେଉଁଥିପାଇଁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କୁତୁର୍ଲା,ସାରସମାଲ, ଦେଓଗାଁ, ଗୌରଗୋଠ, ଅର୍ଜୁନପୁର, ମହଲେଇ ପାକ୍ସରେ ଚାରି କେଜି କଟନୀ ଛଟନୀ କରିବା ପାଇଁ ରାଜି ହେବା ପରେ ମଣ୍ଡିରୁ ଧାନ ଉଠିଛି । ରାଜ୍ୟ ସରକାର ଧାନ କିଣାକୁ ନେଇ ସ୍ୱଚ୍ଛତା ଆଣିବା ପାଇଁ ଯେତେ କଟକଣା ଲାଗୁ କଲେ ମଧ୍ୟ ମିଲର୍ସ ଓ ବେପାରୀ ମର୍ଜିରେ ଚାଲିଛି ପାକ୍ସରେ ଧାନ କିଣା । ଏ ଦିଗରେ ଯୋଗାଣ ବିଭାଗ ଓ ଜିଲାପାଳ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ମହଲରେ ଦାବି ହେଉଛି ।

## ସଂକ୍ଷେପରେ

### ହାତ, ମୁହଁ ବନ୍ଧା ଅବସ୍ଥାରେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲୋଇସିଂହା,୮।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କେନ୍ଦମୁଣ୍ଡି ଛକର ଏକ ଗଛରୁ ହାତ ଓ ମୁହଁ ବନ୍ଧା ଅବସ୍ଥାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଲୋଇସିଂହା ପୋଲିସ ଉଦ୍ଧାର କରିଛି । ମୃତ ଯୁବକ ହେଲେ ଝରଣୀପାଲି ଗ୍ରାମର ଶଙ୍ଖାଳି ବଢ଼ିଆ(୩୫) । ଖବର ପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧାନ କଲା ପରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଯାଇଛି । ଏନେଇ ଥାନା ନଂ ୩୬।୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ,ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ ସଦର ଗାଁର ଶଙ୍ଖାଳିଙ୍କ ସ୍ତ୍ରୀ ପାରିବାରିକ କହଳ ଯୋଗୁ ଗତ କିଛି ଦିନ ତଳେ ବାପଘରକୁ ଚାଲି ଯାଇଥିଲେ । ପୁଅ ଝିଅ ସହ ସେ ଘରେ ରହୁଥିଲେ । ହେଲେ ବୁଧବାର ରାତିରୁ ସେ ଘରୁ ଚାଲି ଯାଇଥିଲେ । ଗୁରୁବାର ସ୍ଥାନୀୟ ଅଞ୍ଚଳର ଲୋକେ ଏକ ଗଛରେ ଜଣେ ଯୁବକଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଚିହ୍ନଟ କରି ପୋଲିସକୁ ସୂଚନା ଦେଇଥିଲେ । ଏସଆଇ ବିନୋଦ କୁଅଁର,ଏଏସଆଇ ଅନ୍ତର୍ଯ୍ୟାମୀ ବେହେରା ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ପାରିବାରିକ କଳହରୁ ଶଖାଂଳି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିଥିବା ଏଏସଆଇ ବେହେରା କହିଛନ୍ତି ।

### ବନବିଭାଗ ପକ୍ଷରୁ ୧୯ କେନ୍ଦୁ ଗଣ୍ଡି ଜବତ

ବଲାଙ୍ଗୀର ଅଫିସ, ୮।୧୨: ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ରେଞ୍ଜ ଅଫିସର କର୍ମଚାରୀ ମାନେ ମହଖଣ୍ଡ ବିଭାଗ ଅଧୀନସ୍ଥ ତୁରେକେଲା-ମହଖଣ୍ଡ ଗ୍ରାମକୁ ଯିବା ବାଟରେ ୧୯ଟି କେନ୍ଦୁଗଣ୍ଡି ବୋଝେଇ ଏକ ଟ୍ରାକ୍ଟରକୁ ଜବତ କରିଥିବା ବଲାଙ୍ଗୀର ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନବିଭାଗ କର୍ମଚାରୀମାନେ ଉକ୍ତ ଟ୍ରାକ୍ଟରକୁ ଘେରିବା ପରେ କେନ୍ଦୁଗଣ୍ଡି ଚାଲାଣ କରୁଥିବା ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯିବାରେ ସକ୍ଷମ ହୋଇଥିଲେ। ଜବତ କେନ୍ଦୁଗଣ୍ଡି, ଟ୍ରାକ୍ଟର ଓ ଅନ୍ୟ ସାମଗ୍ରୀକୁ ରେଞ୍ଜ କାର୍ଯ୍ୟାଳୟ ପରିସରକୁ ଅଣାଯାଇଥିଲା। ବନବିଭାଗ ପକ୍ଷରୁ ଏ ନେଇ ଅଧିକ ଅନୁସନ୍ଧାନ ଚାଲିଛି। ଏହି ଚଢ଼ାଉରେ ରେଞ୍ଜ ଅଧିକାରୀ ଜନାର୍ଦ୍ଦନ ଠାକୁର, ଚିତ୍ତ ଖମାରୀ, ଫରେଷ୍ଟର କୀର୍ତ୍ତିଚନ୍ଦ୍ର ସୁଆର, ଫରେଷ୍ଟର ଚନ୍ଦ୍ର ଶେଖର ଦାଶ, ହିମାଂଶୁ ପଣ୍ଡା ଏବଂ ବଙ୍ଗୋମୁଣ୍ଡା ରେଞ୍ଜର ପାରା ସ୍କ୍ୱାଡ୍ ସାମିଲ ଥିଲେ।

### ଧାନ କଟନୀ ଛଟନୀ ବନ୍ଦ କର

ବଲାଙ୍ଗୀର ଅଫିସ, ୮।୧୨: ବଲାଙ୍ଗୀରର ଧାନକିଣା ଅବ୍ୟବସ୍ଥାରେ ସୁଧାର ଆଣିବା ସହ ଚାଷୀ ଶୋଷଣକୁ ବନ୍ଦ କରିବା ପାଇଁ ଚାଷୀନେତା ଭରତ ଭୂଷଣ ପ୍ରଧାନ ଓ ସୁଶାନ୍ତ ବରାଡ ଦାବି କରିଛନ୍ତି। ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚାଷୀନେତା ପ୍ରଧାନ ବଲାଙ୍ଗୀର ଜିଲାର ଚଳିତ ଖରିଫ ଧାନକିଣା ଅବ୍ୟବସ୍ଥାକୁ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଗତ ୨୫ ତାରିଖରୁ ଜିଲାରେ ମଣ୍ଡି ଜରିଆରେ ଧାନକିଣା ଆରମ୍ଭ ହୋଇଥିବା ସତ୍ତ୍ୱେ ଜିଲାର ବିଭିନ୍ନ ମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା ଯୋଗୁ ଚାଷୀ ହରଡ଼ଘଣାରେ ପଡି ଶୋଷଣର ଶିକାର ହେଉଥିବା କହିଥିଲେ। ମଣ୍ଡିରେ ଚାଷୀ ପଞ୍ଜୀକରଣରେ ତ୍ରୁଟି, ସର୍ବନିମ୍ନ ସହାୟକ ଧାନଦର ମିଳୁ ନ ଥିବା, ଏଫଏକ୍ୟୁ ବାହାନାରେ କୁଇଣ୍ଟାଲ ପ୍ରତି ୫-୬ କେଜି କଟନୀ ଛଟନୀ କରାଯାଉଥିବା ଅଭିଯୋଗ କରିଥିଲେ। ପ୍ରଶାସନ, ଯୋଗାଣ ବିଭାଗ ଏବଂ ମିଲର୍ସ ମଧ୍ୟରେ ଚାଷୀଙ୍କୁ ଶୋଷଣ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରିଥିଲେ। କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ବିରୋଧ କରି ଚାଷୀଙ୍କ ଧାନ ଏମଏସ୍‌ପି ମୂଲ୍ୟ ବୃଦ୍ଧି କରିବାକୁ ଦାବି କରିଥିଲେ। ଆଟ ଜମିରେ ଚାଷ ହେଉଥିଲେ ମଧ୍ୟ ଚାଷୀଙ୍କୁ ଆଟ ଜମିର ଧାନ ବିକ୍ରି କରିବାକୁ ଦିଆ ନ ଯିବା ଚାଷୀଙ୍କ ପ୍ରତି ଅନ୍ୟାୟ ବୋଲି ଅଭିଯୋଗ କରିଥିଲେ। ଏକର ପ୍ରତି ୨୦-୨୨ କୁଇଣ୍ଟାଲ ଧାନ ଅମଳ ହେଉଥିବା ବେଳେ ଟୋକନରେ ଏକର ପ୍ରତି ୧୩ କୁଇଣ୍ଟାଲ ବିକ୍ରି ନିର୍ଦ୍ଦେଶ ଚାଷୀ ବିରୋଧୀ ବୋଲି କହିଥିଲେ। ଜିଲାରେ ମଣ୍ଡଗୁଡିକରେ ସୁବ୍ୟବସ୍ଥା କରିବା ଏବଂ ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦେବା ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀନେତା ପ୍ରଧାନ ଓ ବରାଡ ଦାବି କରିଥିଲେ।

# ବଂଶୀବାଦନରେ ତ୍ରିଦେବଙ୍କ ସଫଳତା


ଭୁବନେଶ୍ୱରଠାରେ ଅନୁଷ୍ଠିତ କଳାଉତ୍ସବ ଅବସରରେ ତ୍ରିଦେବଙ୍କୁ ପୁରସ୍କୃତ କରାଯାଉଛି।

ମୁରିବାହାଲ,୮।୧୨( ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ତ୍ରିଦେବ କୁମାର ସାହୁ(୧୪) ରାଜ୍ୟସ୍ତରୀୟ ବଂଶୀବାଦନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ୟୁନିଟ ୯ ବାଳକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ କଳା ଉତ୍ସବ ଅବସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେ ପ୍ରଥମେ ବଲାଙ୍ଗୀର ଜିଲାସ୍ତରୀୟ ବଂଶୀବାଦନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି

### ରାଜ୍ୟସ୍ତରୀୟ କଳା ଉତ୍ସବ

ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପରେ ୫ ଗୋଟି ଜିଲାକୁ ନେଇ ହୋଇଥିବା ଜୋନାଲସ୍ତରୀୟ କଳାଉତ୍ସବରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାପରେ ଓଡିଶା ରାଜ୍ୟ ସ୍ତରୀୟ ବଂଶୀବାଦନ ପ୍ରତିଯୋଗିତାରେ ଭାଗ ନେଇ ଏହି କୃତିତ୍ୱ ହାସଲ କରିଛନ୍ତି। ଏଥିରେ ରାଜ୍ୟର ୬ ଗୋଟି ଜୋନର ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ତ୍ରିଦେବ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସଫଳତା ନେଇ ତାଙ୍କ ବାପା ସୁଦାମ ସାହୁ, ମାତା ରଞ୍ଜିତା ସାହୁ , ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପୀତାମ୍ବର ବେଶ୍ରା, ସଙ୍ଗୀତ ଶିକ୍ଷକ ପ୍ରକାଶ କୁମାର ରାଉତ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ବୋଲି ତ୍ରିଦେବ କହିଛନ୍ତି।

## ଝୁଷୁରା ଏୟାରଷ୍ଟ୍ରିପରୁ ବିମାନ ସେବା ଆରମ୍ଭ ହେଉ

ବଲାଙ୍ଗୀର ଅଫିସ, ୮।୧୨

ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିଭାବକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସଭ୍ୟ ଡ. ରାଧାକାନ୍ତ ମିଶ୍ର କହିଥିଲେ ଯେ, ଏପ୍ରିଲ ୨୦୧୬ ମସିହାରେ ଏୟାର ଓଡିଶା ପକ୍ଷରୁ ଝାରସୁଗୁଡା, ରାଉରକେଲା ଓ ସମ୍ବଲପୁର ପରେ ପଶ୍ଚିମ ଓଡିଶାର ବଲାଙ୍ଗୀର ଓ କଳାହାଣ୍ଡିକୁ ବିମାନ ସେବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ବଲାଙ୍ଗୀରର ଝୁଷୁରା ଓ କଳାହାଣ୍ଡିର ଉତ୍‌କେଲା ଏୟାରଷ୍ଟ୍ରିପ୍ ନିରୀକ୍ଷଣ ଏବଂ ବ୍ୟବସାୟିକ ଦିଗକୁ ଅନୁଧ୍ୟାନ କଲା ପରେ ଉଭୟ ଏୟାରଷ୍ଟ୍ରିପ ଭଲ ସ୍ଥିତିରେ ଥିବା ଏବଂ ସରକାରୀ ଅନୁମତି ମିଳିଲେ ମାସେ ମଧ୍ୟରେ ଏହି ଦୁଇ ଜିଲାକୁ ବିମାନ ସେବା ଆରମ୍ଭ କରିଦେବେ ବୋଲି ସେତେବେଳେ ଏୟାର ଓଡିଶା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଦ୍ୱାରା ୧୯୬୭ ମସିହାରେ ଉଦ୍‌ଘାଟିତ ଝୁଷୁରା ନିକଟ ବଡଙ୍ଗୋମୁଣ୍ଡା ଏୟାରଷ୍ଟ୍ରିପକୁ ବିଭିନ୍ନ ସମୟରେ ରାଜ୍ୟ ସରକାର ବ୍ୟବହାର କରି ଆସୁଛନ୍ତି। ଏବେ ଉତ୍‌କେଲା ଏୟାରଷ୍ଟ୍ରିପ ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରି ରାଜ୍ୟ ସରକାର ଖୁବ୍ ଶୀଘ୍ର ସେଠାରୁ ବିମାନସେବା ଆରମ୍ଭ କରିବା ଯୋଜନା କରିଛନ୍ତି । ଇତିମଧ୍ୟରେ କୋରାପୁଟରେ ଜୟପୁର ଏୟାରଷ୍ଟ୍ରିପ ମଧ୍ୟ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଆଦିବାସୀ ଅଧ୍ୟୁଷିତ କେବିକେ ଜିଲା ଅନ୍ତର୍ଗତ ବଲାଙ୍ଗୀରର ଝୁଷରା ଏୟାରଷ୍ଟ୍ରିପ୍ର ପାଇଁ କେହି ଚିନ୍ତା କରୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, ଜିଲାର ଏମ୍‌ପି ଓ ବିଧାୟକ ଏଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଥିଲା। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଉପସଭାପତି ପ୍ରସନ୍ନ ମିଶ୍ର ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ବଲାଙ୍ଗୀରରେ ଶୀଘ୍ର ପ୍ରତିଷ୍ଠା କରାଯାଉ ବୋଲି ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ସମ୍ପାଦକ ଗୋବିନ୍ଦ ମିଶ୍ର, ଦିବାକର ହୋତା, ଛବିଲାଲ ବେହେରା, ପୁରୁଷୋତ୍ତମ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାଶ ତଥା ହରେକୃଷ୍ଣ ପଟେଲ ଉପସ୍ଥିତ ଥିଲେ। ସଜ୍ୟ କୃଷ୍ଣଚନ୍ଦ୍ର ମହାକୁର ଧନ୍ୟବାଦ ଦେଇଥିଲେ।

# ବୃନ୍ଦାବନରେ ଉତ୍କଳ ନିବାସ ପ୍ରତିଷ୍ଠା ଉତ୍ସବ


ବୃନ୍ଦାବନସ୍ଥିତ ଉତ୍କଳ ନିବାସରେ ସଦାଇପାଲିର କୀର୍ତ୍ତନ ମଣ୍ଡଳୀ।

ବଲାଙ୍ଗୀର ଅଫିସ, ୮।୧୨

ଭଗବାନ କୃଷ୍ଣଙ୍କ ଲୀଳାଭୂମି ବୃନ୍ଦାବନ ଧାମରେ ଉତ୍କଳ ନିବାସ ପ୍ରତିଷ୍ଠା କରାଯାଇଥିବା ଜଣାପଡିଛି। ଏହି ନିବାସ ଓଡିଶାବାସୀଙ୍କ ପାଇଁ ଉତ୍ସର୍ଗ କରାଯାଇଥିବା ସୂଚନା ଦିଆଯାଇଛି। ମଥୁରା ରୋଡସ୍ଥିତ ମିର୍ଜ୍ଜାପୁର ଧର୍ମଶାଳା ପାଖରେ ଏହି ଉତ୍କଳ ନିବାସ ରହିଛି। ଅତି କମ ମୂଲ୍ୟରେ ଏଠାରେ ଓଡିଶାବାସୀଙ୍କ ପାଇଁ ରହିବା ଏବଂ ଖାଇବା ବ୍ୟବସ୍ଥା ହୋଇଛି। ସେଠାକାର ତୀର୍ଥ ପୁରୋହିତ, ବୃନ୍ଦାବନ ପଣ୍ଡା, ସୁମିତ ଗୌତମ (ବନ୍‌ଟୁ ବାବୁ) ଏଠାରେ ସବୁ ପ୍ରକାର ସୁବିଧା କରିଥିବା ସୂଚନା ଦିଆଯାଇଛି। ବୃନ୍ଦାବନର ଏହି ଉତ୍କଳ ନିବାସ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଏକ ଅଷ୍ଟପ୍ରହର ନାମ ଯଜ୍ଞ ଆୟୋଜନ କରାଯାଇଥିଲା। ଏଥିରେ ବଲାଙ୍ଗୀର ଜିଲା ସଦାଇପାଲି ଓ ଚନ୍ଦନଭାଟି, ବରଗଡ ଜିଲାର ମେଘନାଦ ଏବଂ ସୋନପୁର ଜିଲାର କାଦୋଦର କୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଥିଲେ। ବଲାଙ୍ଗୀର ଫେରିବା ପରେ ସଦାଇପାଲି ଗ୍ରାମବାସୀ ଉକ୍ତ କୀର୍ତ୍ତନ ମଣ୍ଡଳୀଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ୬୬ ଜଣ ଯାତ୍ରୀ ଗାଁକୁ ଫେରିବା ପରେ ସମାଜସେବୀ ଡ. ଶ୍ରୀକର ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଭବିଷ୍ୟତରେ ଯେଉଁ ଶ୍ରଦ୍ଧାଳୁ ବୃନ୍ଦାବନ ଯିବେ ସେମାନେ ଉତ୍କଳ ନିବାସରେ ରହି ସମସ୍ତ ତୀର୍ଥସ୍ଥଳ ଦର୍ଶନ କରିପାରିବେ ବୋଲି ଡ. ମିଶ୍ର ପ୍ରକାଶ କରିଛନ୍ତି।

# ଦୁର୍ଘଟଣା ରୋକିବାକୁ ଜିଲା ଆପାତ କାଳୀନ ବୈଠକ


ବୈଠକରେ ଜିଲାପାଳ ସୂଚନା ଦେଉଛନ୍ତି।

ଭବାନୀପାଟଣା,୮।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ଜିଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଥିବା ବିଭିନ୍ନ ଶିଳ୍ପାଅନୁଷ୍ଠାନରେ ଯେପରି ରାସାୟନିକ ଦୁର୍ଘଟଣା ନ ଘଟେ, ସେଥିପ୍ରତି ବିଶେଷ ଯତ୍ନବାନ ଓ ଜୀବନହାନୀ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଆପାତକାଳୀନ ଟିମର ଅଧିକାରୀ ଦାୟିତ୍ୱବାନ ହେଲେ ଦୁର୍ଘଟଣାକୁ ରୋକାଯାଇ ପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଜିଲାପାଳ ସମସ୍ତ ଶିଳ୍ପାନୁଷ୍ଠାନର ଆପାତ କାଳୀନ କର୍ମଚାରୀଙ୍କୁ ସମୂହ ସ୍ୱାର୍ଥ ଦୃଷ୍ଟିରୁ ସବୁ ବେଳେ ସତର୍କ ରହିବା ସହ ନିୟମିତ ବ୍ୟବଧାନରେ ମକଡ୍ରିଲ ଓ ସଚେତନତା କର୍ମଶାଳା ଆୟୋଜନ କରିବାକୁ କହିଥିଲେ। ନିକଟରେ ପାଷ୍ଟିକୁଡ଼ି ନିକଟରେ ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣା ହୋଇ ଗ୍ୟାସ ଲିକ୍ ହୋଇଥିଲା। ପ୍ରଶାସନ ସହ ବଲାଙ୍ଗୀରରୁ ଭାରତ ଗ୍ୟାସ କମ୍ପାନୀ, ବେଦାନ୍ତରୁ ଅଗ୍ନିଶମ ଦଳ ସହଯୋଗରେ ତୁରନ୍ତ ସମସ୍ୟା ସମାଧାନ ହୋଇଥିଲା। ବୈଠକରେ ସିଡିଏମଓ ଡ଼ା ରଞ୍ଜନ ମିତ୍ର, ଡିଏସପି ବି.ସେଠୀ, ଅତିରିକ୍ତ ନିର୍ଦ୍ଦେଶକ କାରଖାନା ତଥା ବାଷ୍ପିତ ନିର୍ଦ୍ଦେଶାଳୟ ଚନ୍ଦ୍ରଶେଖର ବେହେରା, ଜିଲା ଅଗ୍ନିଶମ ଅଧିକାରୀ ବିଶନାଥ ମୁଣ୍ଡା, ଆଞ୍ଚଳିକ ଅଧିକାରୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାୟଗଡ଼ା ହେମନ୍ତ ନାଥ ନାୟକ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ସିଡିଏଓ ପ୍ରଦୀପ କୁମାର ସାହୁ, ଓମଫେଡ ଅଧିକାରୀ ବିଷ୍ଣୁଚରଣ ପ୍ରଧାନ, ମୁଖିଗୁଡ଼ାସ୍ଥିତ ଅପର୍ ଇନ୍ଦ୍ରାବତୀ ପାୱର୍ ଷ୍ଟେଶନର ପ୍ରମୋଦ ବେହେରା, ଜୁନାଗଡର ମହମ୍ମଦ ଜାଫର, ଡେପୁଟି ଫାୟର ଅଫିସର୍ ଶରତ ଚନ୍ଦ୍ର ମଲ୍ଲିକ ଏବଂ ଡିପିଏଚଓ ଡ଼ା ରାକେଶ ସାହୁ ଉପସ୍ଥିତ ଥିଲେ। ଜିଲା ଜରୁରୀ ଅଧିକାରୀ ପ୍ରମୋଦ ଖିଲୋ ଧନ୍ୟବାଦ ଦେଇଥିଲେ ।

# ଗଜସାଥୀ ଦକ୍ଷତା ବିକାଶ ତାଲିମ

ବଲାଙ୍ଗୀର ଅଫିସ, ୮।୧୨

ବଲାଙ୍ଗୀରସ୍ଥିତ ମେଗା ନର୍ସରୀଠାରେ ଗଜସାଥୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନିତିଶ କୁମାର ଯୋଗଦାନ କରିଥିଲେ। ବଲାଙ୍ଗୀର ଜିଲାର ହାତୀ ପ୍ରବଣ ଗାଁର ଜଙ୍ଗଲ କର୍ମଚାରୀଙ୍କ ଉପସ୍ଥିତିରେ ତାଲିମ ସମୟରେ ହାତୀ ଗତିବିଧି ଉପରେ କିଭଳି ନଜର ରଖିବା ଏବଂ ହାତୀ ଗତିବିଧି ସମୟରେ କ'ଣ କରାଯିବା ଏବଂ କ'ଣ କରାନଯିବା ବିଷୟରେ ବୈଷୟିକ ତାଲିମ ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍ଥାନକୁ ହାତୀ ଯିବା ସମୟରେ ମନୁଷ୍ୟ-ପଶୁ ବିବାଦ ଏବଂ ହାତୀ ମୃତ୍ୟୁକୁ ଏଡାଇବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।


ବଲାଙ୍ଗୀର ମେଗା ନର୍ସରୀ ଠାରେ ତାଲିମ ଗ୍ରହଣ କରୁଥିବା ଗଜସାଥୀ।

ହାତୀମାନଙ୍କୁ ସୁରକ୍ଷିତ ଯିବା ପାଇଁ ରାସ୍ତା ଦେବା ସମସ୍ତଙ୍କ ଦାୟିତ୍ୱ ବୋଲି ଡିଏଫ୍‌ଓ କୁମାର କହିଥିଲେ। ଏଠାରେ ଉପସ୍ଥିତ ସମସ୍ତ କର୍ମଚାରୀ ଏବଂ ସଦସ୍ୟମାନେ ସେମାନଙ୍କର ଶତ ପ୍ରତିଶତ ପ୍ରଦର୍ଶନ ପ୍ରଦାନ କରିବା ଉଚିତ ବୋଲି କହିଥିଲେ। ବଲାଙ୍ଗୀର ଜିଲାକୁ ରାଜ୍ୟର ଶୂନ୍ୟ-ମଣିଷ-ପଶୁ ବିବାଦ ଅଞ୍ଚଳ ଭାବେ ପରିଣତ କରିବାକୁ ଡିଏଫଓ କୁମାର ପରାମର୍ଶ ଦେଇଥିଲେ। ବନ ବିଭାଗ ପକ୍ଷରୁ ନିଯୁକ୍ତ ୧୦୦ ଗଜସାଥୀ ଏହି ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ୨୯ତମ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା

ମୁରିବାହାଲ,୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ଗ୍ରାମ ପଞ୍ଚାୟତର ଘୁଷୁରାମୁଣ୍ଡା ଗ୍ରାମବାସୀଙ୍କ ଉଦ୍ୟମରେ ଗ୍ରାମରେ ୨୯ତମ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଗତ ବୁଧବାର ଦିନ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ୧୦୮ ଜଣ ମହିଳା ଏକ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ରାଜିନ କଟାରୁ ପାଣି ଆଣିବା ପରେ ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବରେ ବିରଞ୍ଚି ଘିଭେଲା ଓ ତାଙ୍କ ସ୍ତ୍ରୀ ବବିତା ଘିଭେଲା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବେ ହୁଲୁ ଦାଶ ଦାୟିତ୍ୱ ତୁଲାଇ ଥିଲେ । ସଭାପତି ସେବା ସାହୁ, ସମ୍ପାଦକ ଦେବରାଜ ମାଝି, କୋଷାଧ୍ୟକ୍ଷ ବିଷ୍ଣୁ ବାଗଙ୍କ ନେତୃତ୍ୱରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଲକ୍ଷ୍ମୀପୂଜା ପାଇଁ ପରିବେଶ ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଲକ୍ଷ୍ମୀପୂଜା କମିଟି ସୂତ୍ରରୁ ଜଣାଯାଇଛି ।


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ

ନୂଆପଡ଼ା ଅଫିସ,୮।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଛତା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଉପାଧ୍ୟକ୍ଷ ଦୀପିକା କୌଶଲ୍ୟା ମୁଖ୍ୟଅତିଥି, ଢୋର୍ଲାମୁଣ୍ଡା ସରପଞ୍ଚ ପଦ୍ମିନୀ ମାଝି, ସମିତି ସଭ୍ୟ ବିଶ୍ୱମ୍ବର ମାଝି, ସାମାଜିକ କର୍ମୀ ତ୍ରିଲୋଚନ କଟା, ପରିଚାଳନା କମିଟି ସଭାପତି ଉମେଶ ମହାନନ୍ଦ, ପୂର୍ବତନ ସରପଞ୍ଚ ସାନ ମହାନନ୍ଦ, ସହ ଗୋଷ୍ଠି ଶିକ୍ଷା ଅଧିକାରୀ କୋମନା ଶୁଭ୍ରାଂସୁ ମଉଳି ପୁରୋହିତ, କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କପିଳେଶ୍ୱର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା ମୁଖ୍ୟଅତିଥି, ଶ୍ରୀବତ୍ସ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଖଡିଆଳ ମହାବିଦ୍ୟାଳୟ ଅଧ୍ୟକ୍ଷ ତରୁଣ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପିଲାମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦୈନନ୍ଦିନ ଜୀବନରେ ଆବଶ୍ୟକତାକୁ ଉପଲବ୍ଧି କରି ସମସ୍ୟାର ସମାଧାନ ଦିଗରେ ଆଗେଇ ଯିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଦର୍ଶନୀରେ ସବଜୁନିୟର ବର୍ଗର ୧୨୯, ଜୁନିୟର ବର୍ଗରେ ୯୬ଟି ଓ ସିନିୟର ବର୍ଗରେ ୩୮ ଟି ମୋଟ ୨୬୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୧୦ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତର ପ୍ରଦର୍ଶନୀରେ ଭାଗ ନେବେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। କୁରୁମପୁରି ସିଆରସିସି ସୁବଳଶ୍ୟାମ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ମିଶ୍ର ଧନ୍ୟବାଦ ଦେଇଥିଲେ। ବିଶ୍ୱଦେବ ପଣ୍ଡା, ଶ୍ୟାମଲାଲ ପ୍ରଧାନ, ଫାଲଗୁନୀ ସାହୁ ଓ ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଶ୍ରୀ ସତ୍ୟସାଇ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ, ସତ୍ୟସାଇ ମନ୍ଦିର, ସକାଳ ୭ଟା ।
- କଖଗ ଆୟୋଜିତ ନାଟ୍ୟୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ଝାଡୁଆପଡ଼ା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

## ସଂକ୍ଷେପରେ

### ଟ୍ରେଲର ଧକ୍କାରେ ବାଇକ ଆରୋହୀ ମୃତ

**ଝାରସୁଗୁଡ଼ା ଅଫିସ,୮।୧୨:** ଲଖନପୁର ବ୍ଲକ ପଞ୍ଚଗାଁ ନିକଟ ଜାତୀୟ ରାଜପଥ ୪୯ରେ ବୁଧବାର ରାତିରେ ଏକ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଅରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସୁନ୍ଦରଗଡ଼ ଜିଲା ହେମଗିର ଥାନା ଲମେଇବାହାଲ ଗ୍ରାମର ରାମରତନ କିଷାନ (୩୬)। ପ୍ରକାଶ ଯେ, ରାମରତନ ମଚିଦା ଗ୍ରାମରେ ପରିବାର ସହିତ ରହି ପଞ୍ଚଗାଁ ଛକର ଏକ ଢାବାରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ କାମସାରି ସେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଟ୍ରେଲର (ସିଜି-୧୦ଭି-୬୭୩୨) ତାଙ୍କୁ ଧକ୍କା ଦେଇ ରାସ୍ତା ତଳକୁ ଖସିପଡିଥିଲା। ରାମରତନଙ୍କୁ ଗୁରୁତର ଅବସ୍ଥାରେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳେ ଘଟଣା ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହିତ ଜାତୀୟ ରାଜପଥକୁ ୪ ଥାକିଆ କରିବା ଦାବି ନେଇ ସ୍ଥାନୀୟ ବାସିନ୍ଦା ଥାନାରେ ପହଞ୍ଚିଥିଲେ। ରେଙ୍ଗାଲି ଥାନାଧିକାରୀ କ୍ରେସେନ୍ସିଆ ସାମେରିଆ ଏବଂ ଅନ୍ୟ ପୁଲିସ ଅଧିକାରୀ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏ ନେଇ ରେଙ୍ଗାଲି ପୋଲିସ କେସ ନଂ ୧୨୭/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମହିମା ଆଶ୍ରମ ପକ୍ଷରୁ ଶୋଭାଯାତ୍ରା, ଦାବିପତ୍ର

**କୁଚିଣ୍ଡା,୮।୧୨(ଡି.ଏନ.ଏ.):** ଢେଙ୍କାନାଳ ଯୋରନ୍ଦା ଗାଦିରେ ଧୁନି ମନ୍ଦିର ଓ ଆଶ୍ରମକୁ ଅଦାଲତ ରାୟ ଆଳ ଦେଖାଇ ଭାଙ୍ଗି ଦିଆଯାଇଛି। ଏହାର ପ୍ରତିବାଦରେ କୁଚିଣ୍ଡା ମହିମା ଆଶ୍ରମର ପୀଠାଧିଶ ଶେଷଦେବ ବାର୍ଲା, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ସୁବାସ ଚନ୍ଦ୍ର ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଗୁରୁବାର ଝୁଲେନ ପୋଲ ନିକଟସ୍ଥ ଆଶ୍ରମ ପରିସରରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଆପୋସ ସମାଧାନ ନ କରି ପୂରାତନ ଐତିହ୍ୟକୁ ଜିଲା ପ୍ରଶାସନ ଭାଙ୍ଗିଦେବା ଘଟଣାର ନିନ୍ଦା କରାଯିବା ସହ ପୁନଃ ନିର୍ମାଣ କରି ମହିମା ଧର୍ମର ସନ୍ଥମାନଙ୍କୁ ଥଇଥାନ କରିବାକୁ ଉଲ୍ଲେଖ କରାଯାଇଛି। ଉପଜିଲାପାଳ ବିଭୂତି ଭୂଷଣ ନାୟକ ଦାବିପତ୍ର ଗ୍ରହଣ କରି ସରକାରଙ୍କ ନିକଟକୁ ପଠାଇବେ ବୋଲି ପ୍ରକାଶ କରିଥିଲେ।

### ମାଛ ବଜାର ସ୍ଥାନାନ୍ତରକୁ ବିରୋଧ

**ବ୍ରଜରାଜନଗର,୮।୧୨(ଡି.ଏନ.ଏ.):** ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଗୋଲ ଛକଠାରେ ଦୀର୍ଘ ଦିନରୁ ଚାଲିଆସୁଥିବା ମାଛ ବଜାରକୁ ବୁଧବାର ଥାନା ପାର୍ଶ୍ୱରେ ଥିବା ଓରିଏଣ୍ଟ ପେପର ମିଲ ଅଧୀନରେ ଥିବା ଜାଗାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିବା ସହ ପୌର ପ୍ରଶାସନ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ସେମାନଙ୍କ କହିବା କଥା ସହରର ୭୫ ପ୍ରତିଶତ ଲୋକ ଗୋଲ ଛକଠାରେ ଥିବା ପରିବା ଓ ମାଛ ବଜାର ଉପରେ ନିର୍ଭରଶୀଳ। ମାଛ ବଜାର ସ୍ଥାନାନ୍ତର ହେବା ଦ୍ୱାରା ଲୋକଙ୍କୁ ଅଯଥାରେ ୩କି.ମି. ଯିବାକୁ ପଡିବ। ସେଠାରେ ପାର୍କିଂ ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ମାଛ ବଜାରକୁ ପୂର୍ବ ସ୍ଥାନକୁ ଫେରାଇ ଅଣାଯାଉ। ଏ ସମ୍ପର୍କରେ ପୌରାଧକ୍ଷା ଯାଜ୍ଞସେନୀ ଓରାମଙ୍କୁ ପଚାରିବାରେ ମାଛ ଓ ମାଂସ ଦୋକାନୀଙ୍କୁ ଗୋଟିଏ ଜାଗାରେ ଥଇଥାନ କରାଯିବାକୁ ଯୋଜନା କରାଯାଇଛି। ଯଦି ସେଠାରେ ଅସୁବିଧା ହୁଏ ତେବେ ସେମାନଙ୍କୁ ପୂର୍ବ ଜାଗାରେ ପିଣ୍ଡି କରାଯାଇ ଥଇଥାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ଓକିଲଙ୍କ ଆନ୍ଦୋଳନ ଜାରି

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ**

**ସମ୍ବଲପୁର,୮।୧୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ସମ୍ବଲପୁର ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ କଳା ବ୍ୟାଜ୍ ପିନ୍ଧି କୋର୍ଟ ଆଗରେ ଧାରଣା ଦେଇଥିଲେ। ସମ୍ବଲପୁର ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଭ୍ୟଙ୍କ ସମେତ ଜନସାଧାରଣ ଧାରଣାରେ ସାମିଲ ହୋଇ ଜିଲା ଓକିଲ ସଂଘର ମନୋବଳ ବଢ଼ାଇଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ୭ରୁ ୧୧ ତାରିଖ ପର୍ଯ୍ୟନ୍ତ କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ କରାଯିବା କାର୍ଯ୍ୟକ୍ରମ ରହିଛି। ଆନ୍ଦୋଳନକାରୀ ବିଚାରପତିମାନଙ୍କୁ କୋର୍ଟ କାର୍ଯ୍ୟରେ ଯୋଗ ଦେବାରେ ବାଧା ସୃଷ୍ଟି କରି ନ ଥିଲେ। କିନ୍ତୁ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ଆନ୍ଦୋଳନ ଜାରି ରହିଛି। ଆନ୍ଦୋଳନବନ୍ଦ କରିବା ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅବମାନନା କଲେ ଆଇଜୀବୀଙ୍କ ଲାଇସେନ୍ସ ବାତିଲ କରିବାକୁ କହିଥିଲେ।



ସିଭିଲ କୋର୍ଟ ମୁଖ୍ୟଫାଟକ ସମ୍ମୁଖରେ ଓକିଲଙ୍କ ଧାରଣା ।

## ଛୁଆଲିବେର୍ଣ୍ଣାରେ ନୃସିଂହ ପୂଜା ଆରମ୍ଭ

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୮।୧୨**

ବେଲପାହାଡ ପୌରପରିଷଦ ଅନ୍ତର୍ଗତ ଛୁଆଲିବେର୍ଣ୍ଣା ଗ୍ରାମରେ ପ୍ରଭୁ ନୃସିଂହ ଦେବଙ୍କ ପୂଜା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି । ପୁରୁଷାନୁକ୍ରମେ ଗ୍ରାମର ଗୌନ୍ତିଆ ବଂଶଜଙ୍କ ପୃଷ୍ଟପୋଷକତାରେ ପାଳିତ ଏହି ଉତ୍ସବକୁ ଗ୍ରାମବାସୀ ଓ ଆଖପାଖ ଗ୍ରାମର ଲୋକେ ବେଶ ମନଭରି ଉପଭୋଗ କରନ୍ତି। ଗୁରୁବାର ଛୁଆଲିବେର୍ଣ୍ଣା ଗ୍ରାମ୍ୟ ଜଙ୍ଗଲରେ ଅବସ୍ଥାପିତ ନୃସିଂହ ମନ୍ଦିରରେ ନୃସିଂହ ଦେବଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହା ସହ ଦେବୀ ବନ ଦୁର୍ଗା ଓ ଅନ୍ୟ ଦେବଦେବୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ନୃସିଂହ ଦେବଙ୍କୁ ବରଣ କରାଯାଇ ନଗର ଭ୍ରମଣ କରାଯାଇଥିଲା। ଗୌନ୍ତିଆ ପବିତ୍ର ସାହୁଙ୍କ ଘର ରାହାସ ମଣ୍ଡପରେ ନୃସିଂହ ଦେବ ପୂଜା ପାଉଛନ୍ତି। ଆସନ୍ତା ରବିବାର ପ୍ରଭୁ ନୃସିଂହ ଲୀଳା ଖେଳାସାରି ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଉତ୍ସବ ଉଦ୍‌ଯାପିତ ହେବ।



# ଡିଇଓ ଅଫିସ ସମ୍ମୁଖରେ ବିକ୍ଷୋଭ




ସମ୍ବଲପୁର ଡିଇଓଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ସମ୍ବଲପୁର,୮।୧୨(ବ୍ୟୁରୋ)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ସମ୍ବଲପୁର ଶାଖା ପକ୍ଷରୁ ୮ଦଫା ଦାବିନେଇ ଗୁରୁବାର ଜିଲା ଶିକ୍ଷା ଅଧିକାରୀ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ଅନୁଦାନ ପ୍ରାପ୍ତ ସମସ୍ତ ହାଇସ୍କୁଲ ଓ କଲେଜକୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ ସହ ଚାକିରି ସର୍ତ୍ତାବଳୀ ଏବଂ ପୁରୁଣା ପେନସନ ସ୍କିମ ଲାଗୁ କରିବା, ଯୋଗ୍ୟ ସମସ୍ତ ହାଇସ୍କୁଲ ଓ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ, ସମସ୍ତ ହାଇସ୍କୁଲରେ ଖାଲି ପଡ଼ିଥିବା ଶିକ୍ଷକ, କର୍ମଚାରୀ ପଦବୀ ପୂରଣ ଆଦି ଦାବି କରାଯାଇଥିଲା। ସମିତିର ସମ୍ବଲପୁର ଶାଖା ଆବାହକ ହରିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷା କର୍ମଚାରୀ ଏବଂ ୬୬୨ ଓ ୪୮୮ କଲେଜର କର୍ମଚାରୀମାନେ ସାମିଲ ଥିଲେ।

## ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ଝାରସୁଗୁଡ଼ା ଅଫିସ,୮।୧୨:** ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ବନହରପାଲି ଥାନା ପୋଲିସ୍ ଅଭିଯୁକ୍ତ ସ୍ୱାମୀ ଶ୍ୟାମଲାଲ୍ ଓରାମ(୪୭)ଙ୍କୁ ଗିରଫକରି ଗୁରୁବାର କୋର୍ଟଚାଲାଣ କରିଛି। ସ୍ତ୍ରୀ ବାସନ୍ତି ଓରାମଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା (ନଂ୨୭୪/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ ସହରାଇପଡାର ଶ୍ୟାମଲାଲ୍ ତାଳପଟିଆ ଗ୍ରାମର ବାସନ୍ତିଙ୍କୁ ବିବାହ କରିଥିଲେ। ବାସନ୍ତି ଶ୍ୟାମଲାଲ୍‌ଙ୍କ ଦ୍ୱିତୀୟ ସ୍ତ୍ରୀ ହୋଇଥିବାବେଳେ ତାଙ୍କର ୨ ସନ୍ତାନ ରହିଛନ୍ତି। ଏଭଳି ପରିସ୍ଥିତିରେ ଶ୍ୟାମଲାଲ୍ ସ୍ତ୍ରୀଙ୍କ ଉପରେ ସନ୍ଦେହକରି ନିର୍ଯାତନା ଦେଉଥିଲେ। ଗତ ୪ତାରିଖରେ ସ୍ତ୍ରୀ ଶୋଇଥିବାବେଳେ ସ୍ୱାମୀ ତାଙ୍କ ଗଳାଚିପି ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଏଥିରେ ଭୟଭୀତ ହୋଇ ମହିଳା ଜଣକ ତାଙ୍କ ଭଉଣୀ ଘରକୁ ଚାଲିଯାଇଥିଲେ। ପରେ ସେ ୫ତାରିଖରେ ଥାନାରେ ସ୍ୱାମୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ।

## ହିଣ୍ଡାଲ୍‌କୋ ପକ୍ଷରୁ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମ



ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

**ସମ୍ବଲପୁର,୮।୧୨(ବ୍ୟୁରୋ)**

ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଛି। କମ୍ପାନୀ କ୍ଲଷ୍ଟର ମୁଖ୍ୟ କୈଳାଶନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଆଗାମୀ ବୋର୍ଡ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରାଯିବ। ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଉଚ୍ଚବିଦ୍ୟାଳୟର ମନୋନୀତ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଏହି ସୁବିଧା ନେଇପାରିବେ। ହିଣ୍ଡାଲକୋ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ମହିଳା ବିକାଶ, ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିଆସୁଛି। ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ମାନବ ସମ୍ବଳ ମୁଖ୍ୟ ପାଢ଼ୀ କହିଥିଲେ।

# ଜିଲାରେ ଭୋଟରଙ୍କ ଅନୁପାତ ବୃଦ୍ଧି କରିବାକୁ ଗୁରୁତ୍ୱ

**ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା**



ଡେପୁଟି କଲେକ୍ଟରଙ୍କ ପ୍ରକୋଷ୍ଠରେ ଆୟୋଜିତ ବୈଠକ ।

**ସମ୍ବଲପୁର,୮।୧୨(ବ୍ୟୁରୋ)**

ଜିଲାରେ ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ଅଧୀନରେ ପ୍ରାପ୍ତ ହୋଇଥିବା ଆପତ୍ତି ଅଭିଯୋଗ ସମ୍ବଳିତ ତଥ୍ୟ ଯଥା ଫର୍ମ ନଂ.୯, ୧୦, ୧୧, ୧୧(ଅ) ଓ ୧୧(ଇ)କୁ ବିଭିନ୍ନ ରାଜନୈତିକ ଦଳକୁ ପ୍ରଦାନ କରାଯାଇଛି। ଡେପୁଟି କଲେକ୍ଟର (ନିର୍ବାଚନ) ତ୍ରିଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳ ଓ ଜନସାଧାରଣଙ୍କୁ ଜିଲାରେ ଭୋଟରଙ୍କ ଅନୁପାତ ବୃଦ୍ଧି କରିବା ପାଇଁ ଅପିଲ କରାଯାଇଛି। ସେହିପରି ସ୍ୱେଚ୍ଛାକୃତ ଭାବେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଛି। ଗଣତନ୍ତ୍ରକୁ ସୁଦୃଢ କରିବାରେ ଏହା ସହାୟକ ହେବ ବୋଲି ବୈଠକରେ ମତପ୍ରକାଶ ପାଇଛି। ଇଲେକ୍ଟୋରାଲ ରୋଲ-୨୦୨୩ ଜାନୁୟାରୀରେ ପ୍ରକାଶନ ହେବ ବୋଲି ସୂଚନା ଦିଆଯାଇଛି। ଭୋଟର ତାଲିକାରେ ନାମ ଯୋଗ ପାଇଁ ଫର୍ମ ନଂ.୬, ତାଲିକାରେ ନାମ ବାଦ ଦେବା, ଅଭିଯୋଗ ପାଇଁ ଫର୍ମ ନଂ.୭ ଏବଂ ତ୍ରୁଟି ସଂଶୋଧନ, ସ୍ଥାନାନ୍ତରଣ ଓ ଫଟୋ ଲଗାଇବା ପାଇଁ ଫର୍ମ ନଂ.୮ରେ ଆବେଦନ କରିବା ନିମନ୍ତେ ବ୍ୟବସ୍ଥା ରହିଛି। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ଜୟକୃଷ୍ଣ ବେହେରା ଓ ନବୀନ କୁମାର ପତି, ବିଏସ୍‌ପିରୁ ଅନିଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଜରୁରିକାଳୀନ ପ୍ରତିକ୍ରିୟା କେନ୍ଦ୍ର ଉଦ୍‌ଘାଟିତ



ଜରୁରିକାଳୀନ ପ୍ରତିକ୍ରିୟା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ଜିଲାପାଳ।

**ଝାରସୁଗୁଡ଼ା ଅଫିସ,୮।୧୧**

ଝାରସୁଗୁଡ଼ା ଜିଲାପାଳଙ୍କ ଅଫିସ ପରିସରରେ ଗୁରୁବାର ଏକ ଜରୁରିକାଳୀନ ପ୍ରତିକ୍ରିୟା କେନ୍ଦ୍ର (ଇମରଜେନ୍ସି ରେସପନ୍ସ ସେଣ୍ଟର) ଆରମ୍ଭ ହୋଇଛି। ଜିଲାପାଳ ସରୋଜ କୁମାର ସାମଲ ଏହାକୁ ଉଦଘାଟନ କରି ବିଭିନ୍ନ ବିଭାଗ ଓ ଶିଳ୍ପାନୁଷ୍ଠାନ ସହ ସଂଯୋଗ ରକ୍ଷା କରି ଜନସମୁଦାୟକୁ ସୁରକ୍ଷିତ ରଖିବା ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। ଏହି କେନ୍ଦ୍ରକୁ ୨୪ ଘଣ୍ଟିଆ ଚାଲୁ ରଖିବା ସହ ଦୁର୍ଘଟଣାର ମ୍ୟାପିଂ କରାଯିବ ବୋଲି ଜିଲାପାଳ କହିଛନ୍ତି। ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜିଲାପାଳ ସାମଲ ସମସ୍ତ ଶିଳ୍ପାନୁଷ୍ଠାନର ସହଯୋଗ କାମନା କରିଥିଲେ। ଏସ୍‌ପି ରାହୁଲ ଜୈନ ଏହି କେନ୍ଦ୍ର ସ୍ଥାପନା ଦ୍ୱାରା ଜନସାଧାରଣ ଉପକୃତ ହେବେ ବୋଲି କହିଥିଲେ। ବେଦାନ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ସୁନୀଲ ଗୁପ୍ତା କମ୍ପାନୀ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ ବୋଲି କହିଥିଲେ। ସଭାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲାପାଳ ଦୟାମୟ ପାଢୀ, ପିଡି (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଡେପୁଟି କଲେକ୍ଟର ପ୍ରତିମା ପିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଧାନ କଟ୍‌ନୀଛଟ୍‌ନୀ ବନ୍ଦ କର

**ବଲାଙ୍ଗୀର ଅଫିସ, ୮।୧୨**

ବଲାଙ୍ଗୀରରେ ଧାନକିଣା ଅବ୍ୟବସ୍ଥାରେ ସୁଧାର ଆଣିବା ସହ ଚାଷୀ ଶୋଷଣକୁ ବନ୍ଦ କରିବା ପାଇଁ ଚାଷୀନେତା ଭରତ ଭୂଷଣ ପ୍ରଧାନ ଓ ସୁଶାନ୍ତ ବରାଡ ଦାବି କରିଛନ୍ତି। ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚାଷୀନେତା ପ୍ରଧାନ ବଲାଙ୍ଗୀର ଜିଲାର ଚଳିତ ଖରିଫ ଧାନକିଣା ଅବ୍ୟବସ୍ଥାକୁ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଗତ ୨୫ ତାରିଖରୁ ଜିଲାରେ ମଣ୍ଡି ଜରିଆରେ ଧାନକିଣା ଆରମ୍ଭ ହୋଇଥିବା ସତ୍ତ୍ୱେ ଜିଲାର ବିଭିନ୍ନ ମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା ଯୋଗୁ ଚାଷୀ ହରଡ଼ଘଣାରେ ପଡି ଶୋଷଣର ଶିକାର ହେଉଥିବା କହିଥିଲେ। ମଣ୍ଡିରେ ଚାଷୀ ପଞ୍ଜୀକରଣରେ ତ୍ରୁଟି, ସର୍ବନିମ୍ନ ସହାୟକ ଧାନଦର ମିଳୁ ନ ଥିବା, ଏଫଏକ୍ୟୁ ବାହାନାରେ କୁଇଣ୍ଟାଲ ପ୍ରତି ୫-୬ କେଜି କଟନୀ ଛଟନୀ କରାଯାଉଥିବା ଅଭିଯୋଗ କରିଥିଲେ। ପ୍ରଶାସନ, ଯୋଗାଣ ବିଭାଗ ଏବଂ ମିଲର୍ସ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରିଥିଲେ। କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ବିରୋଧ କରି ଚାଷୀଙ୍କ ଧାନ ଏମଏସ୍‌ପି ମୂଲ୍ୟ ବୃଦ୍ଧି କରିବାକୁ ଦାବି କରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୮।୧୨**

ରାଉରକେଲା ରେଳ ଷ୍ଟେଶନରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଆରପିଏଫ୍ ଜଣଙ୍କୁ ଗିରଫ କରି ଗୁରୁବାର ଅବକାରୀ ପୋଲିସକୁ ହସ୍ତାନ୍ତର କରିଛି। ଅବକାରୀ ପୋଲିସ ଗିରଫ ଅଭିଯୁକ୍ତ ହେଲେ ନଗେନ୍ଦ୍ର ରାଓ। ଅବକାରୀ ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ନଗେନ୍ଦ୍ର ଏକ ବ୍ୟାଗ୍‌ରେ ୯ କେଜି ୮ଶହ ଗ୍ରାମ ଗଞ୍ଜେଇ ନେଇ ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ-୧ରେ ଟ୍ରେନକୁ ଅପେକ୍ଷା କରିଥିଲେ। ସେଠାରେ ଆରପିଏଫ ପକ୍ଷରୁ ଯାଞ୍ଚ ହେବାରୁ ନଗେନ୍ଦ୍ର ଫେରାର ହେଉଥିବା ବେଳେ ତାଙ୍କୁ କାବୁ କରାଯାଇଥିଲା।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ

**ସମ୍ବଲପୁର,୮।୧୨(ବ୍ୟୁରୋ)**

ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପାଠ୍ୟ ଉପକରଣ ଓ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ହୀରାକୁଦ କଳ୍ପତରୁ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ସିଇଓ ଗଜାନନ କାଲେ ଯୋଗଦେଇ ଅନ୍ତେବାସୀଙ୍କୁ ଏହା ବଣ୍ଟନ କରିଥିଲେ। ଚିଫ ଅପରେଶନ ସର୍ଭିସେସ ସୁମିତ ଘୋଷ, ଅଧିକ୍ଷଣ ଯନ୍ତ୍ରୀ ରଞ୍ଜିତ ନାଏକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡମ୍ବରୁଧର ଓଝା, କମ୍ପାନୀର କମ୍ୟୁନିକେଶନ ମୁଖ୍ୟ ମନୋଜ ପଟ୍ଟନାୟକ, ହୀରାକୁଦ ଏସ୍‌ଡିଓ ଅମିୟ ଶଙ୍କର ଦେ, ସିଏସ୍‌ଆର୍ ମୁଖ୍ୟ ସୀତାରିୟ ଶର୍ମା ଯୋଗଦେଇଥିଲେ।




ଟିପିଡବ୍ଲ୍ୟୁଓଡିଏଲ ସିଇଓ ଗଜାନନ କାଲେ କମ୍ବଳ ବଣ୍ଟନ କରୁଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ

**ନୂଆପଡ଼ା ଅଫିସ,୮।୧୨**

ନୁଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଛତା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଉପାଧ୍ୟକ୍ଷ ଦୀପିକା କୌଶଲ୍ୟା ମୁଖ୍ୟଅତିଥି, ଡୋର୍ଲାମୁଣ୍ଡା ସରପଞ୍ଚ ପଦ୍ମନୀ ମାଝି, ସମିତି ସଭ୍ୟ ବିଶ୍ୱମ୍ବର ମାଝି, ସାମାଜିକ କର୍ମୀ ତ୍ରିଲୋଚନ କଟା, ପରିଚାଳନା କମିଟି ସଭାପତି ଉମେଶ ମହାନନ୍ଦ, ପୂର୍ବତନ ସରପଞ୍ଚ ସାନ ମହାନନ୍ଦ, ସହ ଗୋଷ୍ଠି ଶିକ୍ଷା ଅଧିକାରୀ କୋମନା ଶୁଭ୍ରାଂସୁ ମଉଳି ପୁରୋହିତ, କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କପିଳେଶ୍ୱର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା ମୁଖ୍ୟଅତିଥି, ଶ୍ରୀବତ୍ସ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଖଡିଆଳ ମହାବିଦ୍ୟାଳୟ ଅଧ୍ୟକ୍ଷ ତରୁଣ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପିଲାମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦୈନନ୍ଦିନ ଜୀବନରେ ଆବଶ୍ୟକତାକୁ ଉପଲବ୍ଧି କରି ସମସ୍ୟାର ସମାଧାନ ଦିଗରେ ଆଗେଇ ଯିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଦର୍ଶନୀରେ ସବଜୁନିୟର ବର୍ଗର ୧୨୯, ଜୁନିୟର ବର୍ଗରେ ୯୬ଟି ଓ ସିନିୟର ବର୍ଗରେ ୩୮ ଟି ମୋଟ ୨୬୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୧୦ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତର ପ୍ରଦର୍ଶନୀରେ ଭାଗ ନେବେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। କୁରୁମପୁରି ସିଆରସିସି ସୁବଳଶ୍ୟାମ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ମିଶ୍ର ଧନ୍ୟବାଦ ଦେଇଥିଲେ। ବିଶ୍ୱଦେବ ପଣ୍ଡା, ଶ୍ୟାମଲାଲ ପ୍ରଧାନ, ଫାଲଗୁନୀ ସାହୁ ଓ ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଯୁଧିଷ୍ଠିର ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ଛାତ୍ର କଂଗ୍ରେସ ତରଫରୁ କଲେଜ ପଡିଆଠାରେ ପ୍ରଥମ ଯୁଧିଷ୍ଠିର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ କଲେଜର ଅନ୍ତଃବିଭାଗୀୟ ୧୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଟି ଦଳ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଶୁକ୍ରବାର କ୍ବାର୍ଟର ଫାଇନାଲ,ସେମିଫାଇନାଲ ଓ ଫାଇନାଲ ଖେଳ ଖେଳାଯିବ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ଟଙ୍କଧର ଗଡତ୍ୟା ମୁଖ୍ୟଅତିଥି, ସରୋଜ ବିଶ୍ୱାଳ, ଅରବିନ୍ଦ ସାହୁ, ସୁଶାନ୍ତ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳାଳିଙ୍କ ସହ ଅତିଥି ପରିଚିତ ହୋଇ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ୫ ଚୋର ଗିରଫ, ୧୯ ବାଇକ୍ ଜବତ

କେସିଙ୍ଗା,୮।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ପୋଲିସ ଗୁରୁବାର ଏକ ବଡ଼ଧରଣର ବାଇକ୍ ଚୋର ର୍ୟାକେଟ ଠାବ କରିଛି। ପୋଲିସ ୫ ବାଇକ୍ ଚୋରଙ୍କୁ ଗିରଫ କରିବା ସହ ୧୯ଟି ବାଇକ୍ ଜବତ କରିଛି। ଗିରଫ ୫ଜଣ ହେଲେ ତରଣୀ ସେନ ଭୋଇ (୨୫), ସୂର୍ଯ୍ୟମଣି ମାଝି (୨୩), ଧ୍ରୁବ ନାଗ (୨୫), ପୁରୁଷୋତ୍ତମ ନାଏକ (୩୧), ବିପିନ ଖରସେଲ (୨୮)। ସେମାନଙ୍କଠାରୁ ୧୯ଟି ବାଇକ୍, ୩ଟି ମୋବାଇଲ, ଗୋଟିଏ କ୍ୟାମେରା, ୧ ପ୍ରିଣ୍ଟର, ଆଇରନ ରଡ଼, ଖଣ୍ଡା ଜବତ କରାଯାଇଥିବା ଅତିରିକ୍ତ ଆଇଆଇସି ମମତା ହେମ୍ବ୍ରମ ସୂଚନା ଦେଇଛନ୍ତି। ସୂଚନା ଯେ, ଏହି ଥାନାରେ ବିଭିନ୍ନ ସମୟରେ ବାଇକ୍‌ଗୁଡ଼ିକ ଚୋରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏହାକୁ ନେଇ ପୋଲିସ ପାଇଁ ମୁଣ୍ଡ ବ୍ୟଥା ପାଲଟିଥିବା ବେଳେ ବାଇକ୍ ଚୋର ଧରିବା ପାଇଁ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କେସିଙ୍ଗା ଆଦର୍ଶ ଥାନା ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା। ଏଥିରେ ଅତିରିକ୍ତ ଆଇଆଇସି ମମତା ହେମ୍ବ୍ରମ, ଏସଆଇ ସୋନାଲି ବିଶାଳ, ଏସଆଇ ଲୋରିସେ ପ୍ରଧାନ, ଉକ୍ଳେଲା ଫାଣ୍ଡି ଅଧିକାରୀ ପ୍ରେମରାଜ କହଁର ଓ ଅକ୍ଷୟ ପଟ୍ଟନାୟକଙ୍କୁ ନେଇ ଏହି ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଶେଷରେ କେସିଙ୍ଗା ପୋଲିସ କୁ ବଡ ସଫଳତା ମିଳିଥିଲା।

### ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

କର୍ଲାମୁଣ୍ଡା,୮।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବଗାନ୍ଧି ସେବାକେନ୍ଦ୍ରଠାରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଚରିତା ମୁଗ୍ରୀ, ବ୍ଲକ ଅଧକ୍ଷା କୁନି ସାହୁ, ତହସିଲଦାର ମିଳନ କୁମାର ଝାଙ୍କର, ସିଡିପିଓ ଜି. ଗୁଡଲା, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଓ ମହେନ୍ଦ୍ର ରଣା, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ବଂଶୀଧର ସାମଲ, ମିଶନ ଶକ୍ତି ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ବିପିନ ବାରିକ, ସିଆରସିସି ମଧୁସୂଦନ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସୁରକ୍ଷା ଆଇନ, ବାଲ୍ୟ ବିବାହ, ଶିଶୁଙ୍କ ଅଧିକାର ଉପରେ ଆଲୋଚନା କରିଥିଲେ। ଏଥିରେ ସ.ମାଲପଡା ସରପଞ୍ଚ ବରୁଣ ଛତ୍ରିଆ, ରିକ୍ଷିତା ସରପଞ୍ଚ ସେବତୀ ରଣା, ରେଗଡା ସରପଞ୍ଚ ଦୀପ୍ତିମୟୀ ସାହୁ, ତେରେସିଂହା ସରପଞ୍ଚ ପ୍ରମୋଦ ସୁନା, ଗଜବାହାଲ ସରପଞ୍ଚ ଅରବିନ୍ଦ ଗହୀର, ବୋରପଦର ସରପଞ୍ଚ ସୁବାଷ ସାହୁ, ମିଶନ ଶକ୍ତି ବ୍ଲକ ସଭାନେତ୍ରୀ ଜୟନ୍ତୀ ସାହୁ, ସମ୍ପାଦିକା ରୀନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମହାଲକ୍ଷ୍ମୀ ମାଣବସା ପୂଜା

ଖଡ଼ିଆଲ,୮।୧୨(ଡି.ଏନ.ଏ.): ନୂଆପଡା ଜିଲା ଖରିଆଳ ବ୍ଲକ କେନ୍ଦୁପାଟି ପଞ୍ଚାୟତ ୧୧ତମ ମହାଲକ୍ଷ୍ମୀ ମାଣବସା ପୂଜା ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ମା' ମହାଲକ୍ଷ୍ମୀ, ମା' ସରସ୍ୱତୀ, ଗଣେଶଙ୍କ ପ୍ରତିମୂର୍ତ୍ତି ଆଣି ପୂଜାଅର୍ଚ୍ଚନା କରାଯାଉଛି। ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ଏଥିରେ ଆଖପାଖ ଗ୍ରାମରୁ ମା'ଙ୍କ ଦର୍ଶନ ପାଇଁ ଲୋକଙ୍କ ଭିଡ଼ ହେଉଛି। ମା' ଝରାବହଲେନ ମହାଲକ୍ଷ୍ମୀ ମାଣବସା ପୂଜା କମିଟି କର୍ତ୍ତା ଲାଲ ମହନ ମଲ୍ଲିକ ଓ ସଭାପତି କୁନୁ ରାମ ପୋଡ଼, ଉପସଭାପତି ରମେଶ କୁମାର ଷଣ୍ଢ, ସମ୍ପାଦକ ଯୋଗେନ୍ଦ୍ର କଟା, କୋଷାଧକ୍ଷ ପ୍ରେମ ଲାଲ ଷଣ୍ଢ ଓ ଝୁମକ ଲାଲ ବାଗ, ଦୁର୍ବଳ ତାଣ୍ଡି, ହରି ମାଝି, ରବି ଚନ୍ଦ୍ର ପୋଡ଼, ମହାଦେବ ପୋଡ଼, ଗୋବିନ୍ଦ ମହାନନ୍ଦ, ପ୍ରମାନନ୍ଦ ପୂଝାରୀ, ରଲମାଳ ମଲ୍ଲିକ, ଗୋମନି ବନଛୋର ଓ କେନ୍ଦୁପାଟି ଗ୍ରାମବାସୀ ମହାଲକ୍ଷ୍ମୀ ମାଣବସା ପୂଜା ସମା ରୋହରେ ପାଳନ କରାଯାଇଛି।

### ସିନାପାଲିରେ ବିଜେଡିର ବିଜୟ ଉତ୍ସବ

ସିନାପାଲି,୮।୧୨(ଡି.ଏନ.ଏ.): ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କ ବିଜୟୀ ପରେ ନୂଆପଡା ଜିଲା ସିନାପାଲିଠାରେ ବିଜେଡି ପକ୍ଷରୁ ବିଜୟୀ ଉତ୍ସବ ପାଳିତ ହୋଇଛି। ବିଜୟୀ ଉତ୍ସବରେ ସିନାପାଲି ବିଜେଡି ବାଣ ଫୁଟାଇ, ମିଠାଖାଇ ନିଜର ଖୁସି ଯାହିର କରାଯାଇଛି। ଏହି ବିଜୟୀ ଉତ୍ସବ ରାଜ୍ୟ ସଭା ସଦସ୍ୟଙ୍କ ବ୍ଲକ ପ୍ରତିନିଧି ତଥା ପୂର୍ବତନ ଜିଲା ପରିଷଦ ପ୍ରିୟ ରଞ୍ଜନ ମେହେରଙ୍କ ନେତୃତ୍ୱରେ ପାଳିତ ହୋଇଥିବା ବେଳେ ସିନାପାଲି ବିଜେଡି ଯୁବ ସଭାପତି ପ୍ରଦିପ ପ୍ରଧାନ, ଭରତ ମେହେର, ଡୋଳାମଣି ମେହେର, ଜିତେନ୍ଦ୍ର ମେହେର, ଦିପକ ଅଗ୍ରୱାଲ, ନଳିନି ବାଗ, ଦିପକ ମେହେର, ରିକିରାମ ବାଗ, କ୍ଷିରସିନ୍ଧୁ ମେହେରଙ୍କ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ରୋଗ ପୋକ ଲାଗି ବ୍ୟାପକ ଧାନ ଫସଲ ନଷ୍ଟ

- କ୍ଷତିପୂରଣ ପ୍ରଦାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର
- ଚିନ୍ତାରେ ଉପାନ୍ତ ଚାଷୀ
- କାମକୁ ଆସୁନି କୀଟନାଶକ

ସିନାପାଲି,୮।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଉପାନ୍ତ ଘାଟମାଳ ଗ୍ରାମପଞ୍ଚାୟତ ତାଲାକୋଟ ଗ୍ରାମରେ ଧାନ ଚାଷରେ ରୋଗପୋକ ଲାଗି ବ୍ୟାପକ ନଷ୍ଟ ହୋଇଥିବା ବେଳେ କ୍ଷତିପୂରଣ ଦାବିରେ ତହସିଲଦାର ଉପାଞ୍ଜଳି ମାଝିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ସତନ୍ତ୍ର ଟିମ ଯାଇ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଛନ୍ତି। ଅଞ୍ଚଳ ଏକ ଉପାନ୍ତବର୍ତ୍ତି ହୋଇଥିବା ବେଳେ ମାଓବାଦୀ ପ୍ରବଣ ଅଞ୍ଚଳ। ଏଠାରେ ବାସ କରୁଥିବା ବନବାସୀ ଜଙ୍ଗଲ ଜମି ଦଖଲ କରି ପୁରୁଷାନୁକ୍ରମେ ଚାଷ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଅଳ୍ପ ଜମି ଉପରେ ଏମାନେ ଚାଷ କରୁଥିବା ବେଳେ ଏହି ଚାଷରେ ରୋଗ ପୋକ ଲାଗି ବ୍ୟାପକ ଚାଷ ନଷ୍ଟ ହୋଇଛି। ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ଜମିରେ ବାରମ୍ବାର କୀଟନାଶକ ଔଷଧ ପ୍ରୟୋଗ କରିଥିଲେ ମଧ୍ୟ କାମ ଦେଇ ନ ଥିବା ଚାଷୀମାନେ



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କହିଛନ୍ତି। ଅଞ୍ଚଳରେ ଧାନ ଚାଷ ଅମଳ ହେବା ଆରମ୍ଭ ହେବାକୁ ଥିବା ବେଳେ ପାଚିଲା ଧାନରେ ରୋଗ ପୋକ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ଅଞ୍ଚଳରେ କେବଳ ସ୍ୱଳ୍ପ ଜମି ଉପରେ ନିର୍ଭର କରନ୍ତି। ଏବେ ଚାଷ ନଷ୍ଟ ହେବା ଯୋଗୁ ଚାଷୀ ସର୍ବହରା ହୋଇପଡିଛନ୍ତି। କିଭଳି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ଅଛନ୍ତି। ଅଞ୍ଚଳରେ ଜଳସେଚନ କୌଣସି ବ୍ୟବସ୍ଥା ନ ଥିବା ବେଳେ ବର୍ଷା ଜଳ ଉପରେ ନିର୍ଭର କରି ଚାଷ ବାସ କରିଥାନ୍ତି। ବ୍ୟାଙ୍କ ସମେତ ମହାଜନୀ, ସାହୁକାରଠାରୁ ଧାର କରଜ କରି ବହୁ ପରିଶ୍ରମରେ ଚାଷ କର୍ଯ୍ୟ ଆରମ୍ଭ କରିଥିଲେ। ଆରମ୍ଭ ସମୟରେ ଭଲ ବର୍ଷା ଯୋଗୁ ଧାନ ବୁଣା କାର୍ଯ୍ୟ ସାଙ୍ଗକୁ ବେଉଷଣ କରିଥିଲେ। ଧାନ ବଢିବା ବେଳକୁ ଧାନରେ ରୋଗ ପୋକ ଲାଗିଥିଲା। ବିଭିନ୍ନ କୀଟ ନାଶକ ଔଷଧ ପ୍ରୟୋଗ କରୁଥିଲେ ମଧ୍ୟ କାମକୁ ଆସି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ଟେକରାମ ମାଝି, ୱାର୍ଡ ସଭ୍ୟ ଧନମତି ମହାନନ୍ଦ, ଜୟରାମ ମାଝି, ଲକ୍ଷ୍ମଣ ମାଝି, ଖଗେଶ୍ୱର ମାଝି, ହନୁରାମ ମାଝି, କ୍ଷଣ ସୁନ୍ଦର ମାଝି, ପ୍ରେମ ବନ୍ଦିଛୋର୍, ଦେବକୀ ମାଝି, ହାରବତୀ ମାଝି, ତିରନ ବନ୍ଦିଛୋର, ରାମ ଦାସ ମାଝି, ବାଲେଶର ମାଝିଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ରହିଥିଲେ।

# ଆଶୀର୍ବାଦ ଯୋଜନାରେ ସାମିଲ ୩ ଅସହାୟ ଶିଶୁ

ଭବାନୀପାଟଣା,୮।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ବାନେର ପଞ୍ଚାୟତ କାଦୋପଦର ଗାଁର ୩ଜଣ ଅସହାୟ ଶିଶୁ ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ ହୋଇଛନ୍ତି। ଏହି ୩ ଜଣ ଶିଶୁଙ୍କୁ ମାସିକ ଜଣଙ୍କ ପିଛା ୧୫ ସହ ଟଙ୍କା ମିଳିବ। ଏହିସବୁ ସହାୟତା ରାଶି ସିଧାସଳଖ ତାଙ୍କ ମା'ଙ୍କ ବ୍ୟାଙ୍କ ଖାତାରେ ଜମା ହେବ। ସୂଚନା ଅନୁସାରେ, କାଦୋପଦର ଗାଁର ରବି କଟା, ସ୍ତ୍ରୀ ଭୂମିସୁତା କଟା ଓ ୩ଶିଶୁ ଜିତେନ୍ଦ୍ର, ଚିନ୍ମୟୀ, ଦିଶାଙ୍କୁ ନେଇ ବେଶ ଖୁସିରେ ରହୁଥିଲେ। କରୋନା ସମୟରେ ରବିଙ୍କ ଦେହାନ୍ତ ହୋଇଥିଲା। ଫଳରେ ପରିବାର ଅସହାୟ ହୋଇପଡିଥିଲେ। ପରେ ସରପଞ୍ଚ ଙ୍କ ଉଦ୍ୟମ କ୍ରମେ ଭୂମିସୁତା ଙ୍କୁ ବିଧବା ଭତ୍ତା ମିଳିଲା। ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନା ବିଷୟରେ ସେମାନେ ଜାଣି ନ ଥିଲେ। ଏହି ପରିବାର ବିଷୟରେ ଜୟପାଟଣା ଡୁଳାରାମ ରଣା ସ୍ୱେଚ୍ଛାସେବୀ ଯଶୋବନ୍ତ ରଣାଙ୍କୁ ଜଣାଇଥିଲେ। ଏହି ପରିବାର ବିଷୟରେ ଜାଣିବା ପରେ ରଣା ସେମାନଙ୍କ ସହ ଫୋନରେ କଥାହୋଇ ଆଶୀର୍ବାଦ ଯୋଜନା ବିଷୟରେ କହିଥିଲେ। ଏହାସହ ସେମାନ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଆସିବା ପାଇଁ



ଆଶୀର୍ବାଦ ଯୋଜନାରେ ସାମିଲ ୩ ଅସହାୟ ଶିଶୁ।

କହିଥିଲେ। କିଛିଦିନର ବ୍ୟବଧାନରେ ଭୂମିସୁତା ନିଜର ୩ ଛୁଆଙ୍କୁ ଧରି ଡିସିପିଓ ଅଫିସ ଆସିଥିଲେ। ସେଠାରେ ୩ଶିଶୁଙ୍କୁ ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ କରାଗଲା। ଆସନ୍ତା ମାସଠାରୁ ଯୋଜନାର ଅର୍ଥ ରାଶି ଭୂମିସୁତାଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖଯିବ। ଏହି ଯୋଜନାରେ ବିଷୟରେ ଜଣାଇ ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରିଥିବାରୁ ଭୂମିସୁତା ସ୍ୱେଚ୍ଛାସେବୀ ରଣାଙ୍କୁ ଧନ୍ୟବାଦ ଦେଇଛନ୍ତି।

# କଳାହାଣ୍ଡିକୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ କାଂସ୍ୟ ପଦକ





ତିରନ୍ଦାଜୀ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ।

ଲାଞ୍ଜିଗଡ,୮।୧୨(ଡି.ଏନ.ଏ.)

**ଛତିଶଗଡ଼ରେ ସିବିଏସଇ ଜୋନାଲ ତିରନ୍ଦାଜୀ ପ୍ରତିଯୋଗିତା**

ଛତିଶଗଡ଼ ରାୟପୁର ସାଇନାଥପୁରମ ଅଞ୍ଚଳ ମଞ୍ଜିତହସତସ୍ଥିତ ଗ୍ରେଟ ଇଣ୍ଡିଆ ସ୍କୁଲଠାରେ ଡିସେମ୍ବର ୫ରୁ ୭ ତାରିଖ ପର୍ଯ୍ୟନ୍ତ ସିବିଏସଇ ଜୋନାଲ ତିରନ୍ଦାଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ୮ଜଣ ପ୍ରତିଯୋଗୀ ଭାଗ ନେଇ ବିଭିନ୍ନ ବର୍ଗରେ ୨ଟି ସ୍ୱର୍ଣ୍ଣ,୧ ରୌପ୍ୟ ଓ ୩ଟି କାଂସ୍ୟ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗୀତାରେ ବିଭିନ୍ନ ରାଜ୍ୟରୁ ୨୦୦ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟରୁ ଅଣ୍ଡର ସେଭେନଷ୍ଟିନ ମିକ୍ସ ରାଉଣ୍ଡରେ ହିତେଶ କୁମାର ମହାଖୁଡ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପି.ଭି.ଶ୍ରୀ ପୁଜିତା ସ୍ୱର୍ଣ୍ଣ ପଦକ ହାସଲ କରି ପୁଣି ଅଣ୍ଡର ସେଭେନଷ୍ଟିନ ଇଣ୍ଡିଏନ ରାଉଣ୍ଡରେ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ଇଣ୍ଡିଏନ ରାଉଣ୍ଡ ଅଣ୍ଡର ଫର୍ଟିଂନରେ କଳ୍ପିତା ପ୍ରଧାନ ରୌପ୍ୟ ପଦକ ଓ ମିକ୍ସ ରାଉଣ୍ଡରେ କାଂସ୍ୟ ପଦକ ହାସଲ କରିଥିବା ବେଳେ ଓଁମକାର ମାଝି ଅଣ୍ଡର ଫର୍ଟିଂନ ମିକ୍ସ ରାଉଣ୍ଡରେ କାଂସ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗୀମାନେ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି ଓ ତିରନ୍ଦାଜୀ କୋଚ ସୀମାଞ୍ଚଳ କାଡ୍ରକାଙ୍କ ନେତୃତ୍ୱରେ ଭାଗ ନେଇଥିଲେ। ଡିଏଭି ବେଦାନ୍ତ ସ୍କୁଲ ଅଧକ୍ଷ ସଦାନନ୍ଦ ହୋତା, ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି ପାଲ, ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା ପ୍ରମୁଖ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

# ଟକର୍ଲା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା

ପଲମ,୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତରେ ଗୁରୁବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ପଞ୍ଚାୟତ ପିଇଓ ମଧୁସୁଦନ ନାଏକ ଯୋଗଦେଇ ଗ୍ରାମ ସଭାର କାର୍ଯ୍ୟ କିପରି ହେବ ସେହି ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ସଭାରେ ଟକର୍ଲା, ଆଲିମ, କ୍ଷେତୁପଡା, ସୁଡିଙ୍ଗ, ରାଏଧୁନିପଦର, ରେନ୍ଦାବାହାଲି, କୁନ୍ଦେଇଝରନରୁ ପ୍ରାୟ ୩୦୦ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ଲୋକଙ୍କ ବିକାଶ ଯୋଜନାରେ ଗ୍ରାମପଞ୍ଚାୟତ ସମସ୍ତ ଗ୍ରାମକୁ ଚାଷ କାର୍ଯ୍ୟ ପାଇଁ ଚାଷୀଙ୍କୁ ପ୍ରର୍ଯ୍ୟାପ୍ତ ପରିମାଣରେ ପାଣି ଯୋଗାଇ ଦେବା ପାଇଁ ଦାବି କରିଥିଲେ। ତତ୍‌ସହିତ ଆବାସ ଯୋଜନା, ବିଧବା ଭତ୍ତା, ମୋ ପୋଖରୀ ଖନନ, ରାସ୍ତା ନିର୍ମାଣ କାର୍ଯ୍ୟ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ପଲମ ଗ୍ରାମପଞ୍ଚାୟତରେ ସରପଞ୍ଚ ହେମ କିଶୋର ନାଗ ସଭାପତିତ୍ୱରେ ସଭା କାର୍ଯ୍ୟରେ ପଞ୍ଚାୟତ ସମସ୍ତ ଜନସାଧାରଣଙ୍କ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଆଲୋଚନା କରାଯାଥିଲା। ପଲମ ଗ୍ରାମପଞ୍ଚାୟତର ଜିଆରଏସ ପ୍ରମୋଦ ଭୋଇ ସ୍ୱତନ୍ତ୍ର ଗ୍ରାମସଭାର ବିଷୟବସ୍ତୁ ଉପରେ ସମସ୍ତ ହିତାଧିକାରୀଙ୍କୁ ବୁଝାଇଥିଲେ।

# ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପ୍ରସ୍ତୁତି ବୈଠକ



କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଚେତନ ନାଗରିକ ଏବଂ ଅନ୍ୟମାନେ ।

କୋକସରା,୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଏସଏସଓ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ବିଡିଓ ଉତ୍ତମ କୁମାର ବାଗ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନପ୍ରତିନିଧି, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ ଶିକ୍ଷକ, ବ୍ଲକ ସଚେତନ ନାଗରିକ ପ୍ରମୁଖ ଉପସ୍ଥିତ ରହି ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଆୟୋଜନ ଉପରେ ଆଲୋଚନା କରିଥିଲେ। ଆସନ୍ତା ଜାନୁୟାରୀ ୧୦ ଓ ୧୧ ତାରିଖ ବ୍ଲକରେ ଉତ୍ସବ ଆୟୋଜନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଗୁଡ଼ହାଣ୍ଡି ଲୋକ ମହୋତ୍ସବ ପାଳନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇ କରାଯାଇଛି। ଲୋକ ମହୋତ୍ସବ ଗୁଡ଼ହାଣ୍ଡି ପାଳନରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ସହ ବ୍ଲକ, ଜିଲାର ବିଭିନ୍ନ ସ୍ଥାନରୁ ଲୋକ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ବ୍ଲକର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବା ପାଇଁ ଆଲୋଚନା ହୋଇଛି। ବୈଠକରେ ପୁରୁଷୋତ୍ତମ ଗୁପ୍ତା, ପର୍ଶୁରାମ ପ୍ରଧାନୀ, ଗୋବର୍ଦ୍ଧନ ବାଗ, ଜିତେନ୍ଦ୍ର ପ୍ରଧାନୀ, ସମିତି ସଭ୍ୟ ଘନଶ୍ୟାମ ନାଏକ, ସମିତିସଭ୍ୟା ଗାୟତ୍ରୀ ପଣ୍ଡା, ଅଧ୍ୟାପକ ଅଶ୍ୱିନୀ ପଟ୍ଟନାୟକ, କୃଷି ଅଧିକାରୀ ହେମାନନ୍ଦ ମାଝି, ସମିତି ସଭ୍ୟ ଗଜାନନ ନିଆଲ, ଯୁବ ଉଦ୍ୟୋଗୀ ବିବେକ ଅଗ୍ରୱାଲ, ପ୍ରଶାନ୍ତ ସାହୁ ଓ ବ୍ଲକର ସଚେତନ ନାଗରିକ ଉପସ୍ଥିତ ରହିଥିଲେ।

# ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବାର୍ଷିକ କ୍ରୀଡ଼ା ଉତ୍ସବ

ଭବାନୀପାଟଣା,୮।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ବୁଧବାର ସରକାରୀ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ସମ୍ମାନିତ ଅତିଥି ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ମାଝି, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନରୋତ୍ତମ ଭୋଇ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷା ସ୍ନେହପ୍ରଭା ମହାପାତ୍ର ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମେରିଲିନ ସୁଧାଂଶୁମୟୀ ମହାନ୍ତି ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ଓ ଅନ୍ୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କ ପୁରସ୍କାର ବିତରଣ କରିବାରେ ଶିକ୍ଷୟତ୍ରୀ ପୁଷ୍ପଲତା ବାଗ ସହଯୋଗ କରିଥିଲେ। ପୁରସ୍କାର ବିତରଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହାଣୀ ଧନ୍ୟବାଦ ଦେଇଥିଲେ।

# ଓଲଟିଲା ପେଟ୍ରୋଲ ବୋଝେଇ ଟ୍ୟାଙ୍କର

**ସୁରକ୍ଷା ଦୃଷ୍ଟିରୁ ରାଜପଥ ବନ୍ଦ, ଯାତାୟାତ ବାଧାପ୍ରାପ୍ତ**

କୋକସରା,୮।୧୨(ଡି.ଏନ.ଏ.)

୨୬ ନମ୍ବର ଜାତୀୟ ରାଜପଥ କଳାହାଣ୍ଡି–ନବରଙ୍ଗପୁର ସୀମାନ୍ତ ଆମପାଣି ଘାଟିରେ ଗୁରୁବାର ମଧ୍ୟାହ୍ନରେ ପାରାଦ୍ୱୀପରୁ ବୋରିଗୁମ୍ମା ଯାଉଥିବା ଏକ ପେଟ୍ରୋଲ ଓ ଡିଜେଲ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ପେଟ୍ରୋଲ ଓ ଡିଜେଲ ଲିକ୍ ହୋଇ ରାସ୍ତାରେ ବୋହୁଥିବାରୁ ସୁରକ୍ଷା ଦୃଷ୍ଟିରୁ ଆମପାଣି ପୋଲିସ ଓ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରାସ୍ତାର ଦୁଇ ପଟ ଅବରୋଧ କରି ଗାଡି ଓ ଯାତ୍ରୀଙ୍କୁ ଅଟକ ରଖିଥିଲେ। ଡ୍ରାଇଭର ଶଙ୍କର ଚୌହାନ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଏହି ଦୁର୍ଘଟଣା ନେଇ ଆମପାଣି ପୋଲିସ ଜିଲା ପ୍ରଶାସନକୁ ଖବର ଦେଇଥିଲା। ଘଟଣାସ୍ଥଳରେ ଧର୍ମଗଡ ଉପଜିଲାପାଳ ବେଦ ଭୂଷଣ, ଧର୍ମଗଡ ଏସଡିପିଓ ଧିରଜ ଚୋପଦାର, କୋକସରା ତହସିଲଦାର ଦେବବ୍ରତ କରାଟି, ବିଡିଓ ଉତ୍ତମ କୁମାର ବାଗ, ଡେପୁଟି ଅଗ୍ନିଶମ ଅଧିକାରୀ, ଆମପାଣି ଥାନାଧିକାରୀ ଚତୁର୍ଭୁଜ ନାଏକ, ଧର୍ମଗଡ ରେଞ୍ଜର ଭବାନୀ ଶଙ୍କର କାଉର, ଭାରତ ପେଟ୍ରୋଲିୟମର ସେଲ ଅଫିସର ରାହୁଲ କୁମାର, ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ ପ୍ରମୁଖ ପହଞ୍ଚି ସ୍ଥିତି ଉପରେ ଅନୁଧ୍ୟାନ କରିବା ସହ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ସ୍ୱାଭାବିକ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ରାସ୍ତାରେ ଡିଜେଲ ଓ ପେଟ୍ରୋଲ ଅନବରତ ବୋହିବା ଯୋଗୁ ସତର୍କ ଦୃଷ୍ଟିରୁ ଦୁର୍ଘଟଣା ସ୍ଥାନର ଦୁଇପଟୁ ଯାନବାହନ ସହ ଲୋକଙ୍କୁ ଯାତାୟାତ ପାଇଁ ବାରଣ କରାଯାଇଛି। ଜାତୀୟ ରାଜପଥ ହୋଇଥିବାରୁ ରାସ୍ତାର ଦୁଇ ପଟେ ଶହ ଶହ ଗାଡିମୋଟର ଅଟକି ରହିଥିବା ବେଳେ ଦୂରସ୍ଥାନକୁ ଯାଉଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆମପାଣିରୁ ନବରଙ୍ଗପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। କୋକସରା ଦମକଳ ବାହିନୀ ଓ ନବରଙ୍ଗପୁର ଜିଲା ପାପଡାହାଣ୍ଡିର ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ନେଇ ସୂଚନା ମିଳିଛି।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୮୫ ପ୍ରକଳ୍ପ ପ୍ରଦର୍ଶିତ

ଜୁନାଗଡ଼,୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ନୀଳମାଧ ସରକାରୀ ଉଚ୍ଚ ବିଦ୍ୟଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର ଯୋଗଦେଇ ବିଜ୍ଞାନମେଳା ଶୁଭାରମ୍ଭ କରିଥିଲେ। ଜୁନାଗଡ଼ ବିଇଓ ଷଷ୍ଠି ଝାଙ୍କରଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବିଡିଓ ଦୁଳାରାମ ମାରାଣ୍ଡି, ଜୁନାଗଡ଼ ସରକାରୀ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳଚନ୍ଦ୍ର ବାଗ, ଜିଲା ସାଇନ୍ସ ସୁପରଭାଇଜର ଦୁଷ୍ମନ୍ତ ଶେଖର ପାଢ଼ୀ, ଆୟୋଜକ ସମ୍ପାଦକ ତଥା ନୀଳ ମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ମୁଣ୍ଡରାଗୁଡା ସରପଞ୍ଚ ତାରା ଶଙ୍କର ରାୟଗୁରୁ, ଜୁନାଗଡ଼ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନମେଳାରେ ବ୍ଲକର ଅନେକ ବିଦ୍ୟାଳୟର ୮୫ଜଣ ଛାତ୍ରୀଛାତ୍ର ନିଜର ବିଜ୍ଞାନ ସମ୍ବନ୍ଧିୟ ଉପକରଣ ପ୍ରଦର୍ଶିତ କରି ନିଜର ଦକ୍ଷତା ଦେଖାଇଥିଲେ। ଏଥିରେ



ବ୍ଲକସ୍ତରୀୟ ବିଜ୍ଞାନମେଳାରେ ମୁଖ୍ୟ ଅତିଥି।

ସବଜୁନିୟର, ଜୁନିୟର ଏବଂ ସିନିୟର ବିଭାଗରେ କୃତୀ ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ମେଳାରେ ଅଂଶ ଗ୍ରହଣ କରିବେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ସୁଧାଂଶୁ ଶେଖର ନେଗି, ମୁଖ୍ୟବକ୍ତା ଭାବେ ବିଇଓ ଷଷ୍ଠି ଝାଙ୍କର, ଜୁନାଗଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ଏବିଇ ଓ କୁଳମଣି ମାଝି, କ୍ଷୀରୋଦ ଭୋଇ, ଉପସଭାପତି ବିଏସଆରସି ମନୋରଞ୍ଜନ ପାଣିଗ୍ରାହୀ, ଶିକ୍ଷକ ସୁଧୀର କୁମାର ବେହେରା, ସମ୍ପାଦକ ବିଏସଆରସି ମଳୟ କୁମାର ମୁଣ୍ଡ, ସୁଧୀର କୁମାର ମେହେର, ସରୋଜ କୁମାର ପଣ୍ଡା, ସିଆରସିସି ଗୋଦାବରୀଶ ପଣ୍ଡା, ବିଜୟ କୁମାର ପାଢୀ ପ୍ରମୁଖ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଦୁଇ ଜଣ ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ଓ ବିଗତ ଦିନରେ ବିଜ୍ଞାନର ଉର୍ଣ୍ଣତି ଓ ସହଯୋଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ ବ୍ରଜମୋହନ ପାତ୍ର ଓ ସରୋଜ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ଓ ବୀର ବାଦ୍ୟ ଘୁମୁରା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସୁଧୀର କୁମାର ମେହେର ଓ ସୂର୍ଯ୍ୟ ନାରାୟଣ ଠାକୁର ମଞ୍ଚ ପରିଚାଳନା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଟଙ୍ଗପାଣିରେ ମାର୍କେଟ ୟାର୍ଡର ଶୁଭାରମ୍ଭ

ଜମନକିରା,୮।୧୦(ଡି.ଏନ.ଏ.)- ଜମନକିରା ଲ୍ୟାମ୍ପସ କଟଙ୍ଗପାଣି ପଞ୍ଚାୟତରେ ବୁଧବାର ମାର୍କେଟ ୟାର୍ଡ଼ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଜମନକିରା ଲ୍ୟାମ୍ପସ ସଭାପତି ଉମାକାନ୍ତ ପ୍ରଧାନ, ଡାଇରେକ୍ଟର ମନୋଜ କୁମାର ମାଝି, ସେକ୍ରେଟାରୀ ଆଦିପ୍ରସାଦ ମହାକୁଲ, ଗଜଲକ୍ଷ୍ମୀ କୃଷକ ସଂଗଠନ ସଭାପତି ଗୁରୁଚରଣ ପଟେଲ, ସମ୍ପାଦକ ପବିତ୍ର କିଶାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ କଟଙ୍ଗପାଣି ପଞ୍ଚାୟତ ବିଭିନ୍ନ ଗ୍ରାମରୁ ମୋଟ ୨୦ ଜଣ ଚାଷୀଙ୍କ ୧୩୫୯ ପ୍ୟାକେଟ ଧାନ ମଣ୍ଡିକୁ ଆସିଥିବା ବେଳେ କୌଣସି ମିଲର୍ସ ଧାନ ନେବା ପାଇଁ ଆସି ନ ଥିଲେ।

### ସାମାଜିକ ପ୍ରସାରଣରେ ବିଜ୍ଞାନ ସଚେତନତା

**ସମ୍ବଲପୁର,୮।୧୨(ବ୍ୟୁରୋ):** ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପକ୍ଷରୁ ସାମାଜିକ ପ୍ରସାରଣ କାର୍ଯ୍ୟକ୍ରମ ମାଧମରେ ତୃଣମୂଳ ସ୍ତରରେ ବିଜ୍ଞାନ ଓ ନବସୃଜନ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍ ପରିଦର୍ଶନ କରି ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ତରଙ୍ଗ, ଆଲୋକ, ସେମିକଣ୍ଡକ୍ଟର ବିଜ୍ଞାନ ଏବଂ ଇଲେକ୍ଟ୍ରୋନିକ୍ସ ଇତ୍ୟାଦିର ଜଟିଳ ପ୍ରକ୍ରିୟା ପ୍ରଦର୍ଶନ କରିଥିଲେ। ଏହି ଟିମ୍‌ରେ ସହକାରୀ ପ୍ରଫେସର ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ, ପଦାର୍ଥ ବିଜ୍ଞାନ ପରୀକ୍ଷାଗାରର ୪ ଜଣ ସହାୟକ କର୍ମଚାରୀ, ୪ଜଣ ପଦାର୍ଥ ବିଜ୍ଞାନ ବିଭାଗର ଗବେଷକ ଛାତ୍ରୀଛାତ୍ର ସାମିଲ ରହିଥିଲେ।

### ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

**ନାକଟିଦେଉଳ,୮।୧୨(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ନବନିର୍ବାଚିତ ୱାର୍ଡ଼ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବାଟଗାଁ, ସାଲେଭଟା ଓ ସରାପାଲି ପଞ୍ଚାୟତର ୱାର୍ଡ଼ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏଥିରେ ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ପ୍ରମୁଖ ଯୋଗଦେଇ ୱାର୍ଡ଼ ସଭ୍ୟାସଭ୍ୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ତାଲିମପ୍ରାପ୍ତ ରୁଦ୍ର ପ୍ରସାଦ ଦେହୁରି ଓ ରୀନାରାଣୀ ସାହୁ ତାଲିମ ପଦାନ କରିଥିଲେ। ଶିବିରରେ ଉକ୍ତ ୩ ପଞ୍ଚାୟତରୁ ୪୧ଜଣ ୱାର୍ଡ଼ ସଭ୍ୟାସଭ୍ୟ ଯୋଗଦେଇଥିଲେ।

### ରେଙ୍ଗାଲି ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ରେଙ୍ଗାଲି,୮।୧୨(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଓଡିଶା ଆଦର୍ଶ ବିଦ୍ୟାଳୟରେ ବୁଧବାର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରାମଣିକାନ୍ତ ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ମୁଖ୍ୟଅତିଥି ଓ ଅତିରିକ୍ତ ଶିକ୍ଷା ଅଧିକାରୀ ରୁକ୍ମଣ ପଧାନ, ବିନୋଦ ବିହାରୀ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରମେଶ ମାହାଣା, ପ୍ରଫୁଲ୍ଲ ଗହୀର, ଦେବେନ୍ଦ୍ର କୁମାର ପଧାନ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ମାନେଶ୍ୱର ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ସମ୍ବଲପୁର,୮।୧୨(ବ୍ୟୁରୋ):**ମାନେଶ୍ୱର ବ୍ଲକ ପରମାଣପୁର ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମାନେଶ୍ୱର ବିଡିଓ ସ୍ମରଣୀକା ଟୁଲୋ ମୁଖ୍ୟଅତିଥି ଓ ଡ. ସନ୍ତୋଷ ଦାଶ, ବିଇଓ ସିନୀ ବାଡ଼ା, ଏବିଇଓ ସୀତାରାମ ଭୋଇ ସମ୍ମାନିତ ଅତିଥି ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତୀ ନାୟକଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ମୋଟ ୧୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆସନ୍ତା ୧୪ତାରିଖ ଜିଲାସ୍ତରୀୟ ପ୍ରଦର୍ଶନୀରେ କୃତୀ ଛାତ୍ରୀଛାତ୍ର ଭାଗ ନେବେ। ସିଆର୍‌ସିସି ପ୍ରମୋଦ ତ୍ରିପାଠୀ, ଦେବସ୍ମିତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତଦନ୍ତ ଆରମ୍ଭ, ସଂଘର ଆନ୍ଦୋଳନ ଚେତାବନୀ

## ଶିକ୍ଷକଙ୍କ ସର୍ଭିସ୍‌ବୁକ୍‌ରୁ ପ୍ରମାଣପତ୍ର ମିସିଂ ଅଭିଯୋଗ

ଝାରସୁଗୁଡ଼ା ଅଫିସ,୮।୧୨

ଝାରସୁଗୁଡା ଜିଲା ଲଖନପୁର ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ କେତେଜଣ ପ୍ରାଥମିକ ଶିକ୍ଷକଙ୍କ ସର୍ଭିସ୍ ବୁକ୍‌ରୁ ତଥ୍ୟ ମିସିଂ ହୋଇଥିବା ନେଇ ସମ୍ପୃକ୍ତ ଶିକ୍ଷକମାନେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଛନ୍ତି। ଏହି ଆଧାରରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ(ଡିଇଓ) ପୁଷ୍ପାଞ୍ଜଳି ମିଞ୍ଜ ଗତ ସପ୍ତାହରେ ଲଖନପୁର ବିଇଓଙ୍କ ଅଫିସରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାକୁ ନେଇ ପୂର୍ବରୁ କେତେଜଣ ଶିକ୍ଷକ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିବାବେଳେ ଗତ ୫ତାରିଖରେ ଆଉ ୨ଜଣ ଶିକ୍ଷକ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଦୁଇ ଶିକ୍ଷକ ହେଲେ ଦଲଗାଁ ଟିଓୟୁପି ସ୍କୁଲ୍‌ର ସହକାରୀ ଶିକ୍ଷକ ଅଲେଖ କିଷାନ ଓ ସହାଜବାହାଲ ଟିଓୟୁପି ସ୍କୁଲ୍‌ର ସହକାରୀ ଶିକ୍ଷକ ଲଳିତ କୁମାର ପ୍ରଧାନ।

ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ନିଯୁକ୍ତି ବେଳେ ବିଇଓ କାର୍ଯ୍ୟାଳୟରେ ସ୍ନାତକୋତ୍ତର ସାର୍ଟିଫିକେଟ୍, ଏନ୍‌ଓସି ଆଦି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଆଧାରରେ ପଦୋନ୍ନତି ହେବା ନିୟମ ରହିଥିବାବେଳେ ସେମାନଙ୍କ ସର୍ଭିସ୍ ବୁକ୍‌ରେ କେତେକ ପ୍ରମାଣପତ୍ର ମିସିଂ ହୋଇଯାଇଛି। ଫଳରେ ସେମାନେ ଚାକିରି ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେବା ଆଶଙ୍କା କରିଛନ୍ତି। ସର୍ଭିସ୍‌ବୁକ୍‌ରୁ ପ୍ରମାଣପତ୍ର ମିସିଂ ହେବା ପଛରେ ଏକ ର୍‍ୟାକେଟ୍ କାମ କରୁଛି ବୋଲି ସଂଘ ଅଭିଯୋଗ କରିଛି। ଏହି ଅବସରରେ ଗତ ୬ତାରିଖରେ ବାଘମୁଣ୍ଡା ଆଇବିରେ ସଂଘ ସଭାପତି ଅମୂଲ୍ୟ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ବ୍ଲକର ପ୍ରାଥମିକ ଶିକ୍ଷକମାନେ ଯୋଗଦେଇଥିଲେ। ଘଟଣାର ତଦନ୍ତ ପାଇଁ ଏକ ୫ଜଣିଆ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଇଓ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିବେ। ଏହି ଟିମ୍ ଅଭିଯୋଗର ସତ୍ୟାସତ୍ୟ ଜାଣିବାପାଇଁ ବିଇଓଙ୍କ ସହିତ ଯୋଗାଯୋଗ କରିଥିଲେ। ହେଲେ ଯେଉଁ ଶିକ୍ଷକମାନେ ସର୍ଭିସ୍ ବୁକ୍ ଯାଞ୍ଚ କରିବାକୁ ଚାହୁଁଛନ୍ତି ସେମାନେ ଦେଖିପାରିବେ, ଅନ୍ୟମାନଙ୍କୁ ଦେଖାଇବାକୁ ଦିଆଯିବ ନାହିଁ ବୋଲି ବିଇଓ କହିଥିଲେ। ବିଇଓଙ୍କ ଏଭଳି ମନ୍ତବ୍ୟରେ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି। ସଂଘ ଆଗାମୀ ଦିନରେ ଜିଲାପାଳଙ୍କ ନିକଟରେ ତଦନ୍ତ ପାଇଁ ଦାବି କରିବ। ଏହାର ଏକକିତା ନକଲ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସମ୍ବଲପୁର, ଶିକ୍ଷା ସଚିବ, ୫-ଟି ସଚିବ, ଶିକ୍ଷା ନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ ଆଦିଙ୍କୁ ପ୍ରଦାନ କରାଯିବ। ଏହାର ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି । ଏହା କରା ନ ଗଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ନେଇ ବିଇଓ ରୁଦ୍ର ନାରାୟଣ ପ୍ରଧାନ କହିଛନ୍ତି, ଏଭଳି ଅଭିଯୋଗ ପଛରେ କୌଣସି ସତ୍ୟାସତ୍ୟ ନାହିଁ, ଏହା ଭିତ୍ତିହୀନ। ଏ ନେଇ ଡିଇଓ ମିଞ୍ଜ କହିଛନ୍ତି, ଘଟଣା ସମ୍ପର୍କରେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଇଓଙ୍କ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଛନ୍ତି।

# କାର୍ ସହ ଗଞ୍ଜେଇ ଜବତ: ୪ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

ସମ୍ବଲପୁର,୮।୧୨(ବ୍ୟୁରୋ)

ସମ୍ବଲପୁର ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି କାର୍ ସହ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିହାରର ସୋନୀ କୁମ୍ଭାର, ଅଭିଷେକ କୁମାର, ସୁମିତ କୁମାର ଶର୍ମା ଓ ଉତ୍ତରପ୍ରଦେଶର ସୌରଭ କୁମାର ମୌର୍ଯ୍ୟ। ଜବତ କାର୍ ନମ୍ବର ହେଉଛି ୟୁପି୬୫ଏୟୁ୪୮୪୯। ଏ ନେଇ ୨୦/୨୨ରେ ସଦର ଅବକାରୀ ଅଫିସରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ପ୍ରଧାନପାଲି ନିକଟରେ ଅବକାରୀ ଟିମ୍ ଯାଞ୍ଚ କରୁଥିଲେ। ଉକ୍ତ କାର୍ ଯାଞ୍ଚ କରିବାରୁ ସେଥିରୁ ୧୨୦କେଜି ଗଞ୍ଜେଇ ବାହାରିଥିଲା।

# କୁଚିଣ୍ଡାକୁ ଜିଲା ମାନ୍ୟତା ଦାବି ନେଇ ପ୍ରସ୍ତୁତି ବୈଠକ

କୁଚିଣ୍ଡା,୮।୧୨(ଡି.ଏନ.ଏ.)




ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ କୁଚିଣ୍ଡାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଓକିଲ ସଂଘ ସଭାପତି ପ୍ରମୋଦ ଛୁରିଆଙ୍କ ଅଧକ୍ଷତାରେ କୋର୍ଟ ପରିସରରେ ହୋଇଥିବା ବୈଠକରେ ଓକିଲ ସଂଘ ଉପସଭାପତି ପ୍ରଫୁଲ୍ଲ ବାରିକ, ବରିଷ୍ଠ ଓକିଲ ସଚ୍ଚାଦାନନ୍ଦ ଶର୍ମା ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଓକିଲ ହୃଦାନନ୍ଦ ଶର୍ମା ୧୯୯୨ମସିହାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ହୋଇଥିବା ଆନ୍ଦୋଳନର ପୃଷ୍ଠଭୂମି ସମ୍ପର୍କରେ ବିବରଣୀ ରଖିଥିଲେ। ବୈଠକରେ ଖବରଦାତା ରବିନ୍ଦ୍ର ଦାନି, ବିରଞ୍ଚି ଦର୍ଜୀ, ଶୁଶିଳ କର, ଗଗନ ଶର୍ମା, କ୍ଷୀରୋଦ ସା, ଲବଣୀଧର ନାଏକ, ଅଖିଳ ପ୍ରତାପ ସିଂ, ସ୍ନିଗ୍ଧା ପଟେଲ, ପୂର୍ଣ୍ଣଚନ୍ଦ୍ର ପଟେଲ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କ ସମେତ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ଅଞ୍ଚଳର ବିଭିନ୍ନ ଜାତି ସମାଜ ସଂଗଠନ, ଭାଜପା, କଂଗ୍ରେସ ଓ ବିଜେଡିର କର୍ମକର୍ତ୍ତା ଯୋଗଦେଇ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। କୁଚିଣ୍ଡା ଜିଲା ଘୋଷଣା ପାଇଁ ସମସ୍ତ ଭିତ୍ତିଭୂମି ଥିବାରୁ ଦଳମତ ନିର୍ବିଶେଷରେ ଏକତ୍ରିତ ହୋଇ ସମସ୍ତେ ଲଢିବାକୁ ନିଷ୍ପତ୍ତି ନିଆଯାଇଛି। କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ଅଞ୍ଚଳରେ ଥିବା ୫୫ଗୋଟି ପଞ୍ଚାୟତ ଓ ପଞ୍ଚାୟତ ସମିତିରେ ଜିଲା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତାବ ଗ୍ରହଣ କରିବାକୁ ପ୍ରକ୍ରିୟା ଆରମ୍ଭ ନିମନ୍ତେ ଆଲୋଚନା ହୋଇଥିଲା। ଏଥିପାଇଁ ପ୍ରତି ବ୍ଲକରେ କମିଟି ଗଠନ କରି ଏଥିରେ ଗ୍ରାମାଞ୍ଚଳର ସମସ୍ତ ଏସ୍‌ଏଚ୍‌ଜିଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ୨୩ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଦିନ ଧାର୍ଯ୍ୟ କରାଯାଇଛି ।

# ଆନିକଟ ଘାଇର ମରାମତି କାମ ଆରମ୍ଭ

## ମହାନଦୀ ଅଯୋଧା ସରୋବର

ସମ୍ବଲପୁର,୮।୧୨(ବ୍ୟୁରୋ)

ମହାନଦୀର ସମ୍ବଲପୁର ଅଯୋଧା ସରୋବର ଆନିକଟରେ ସୃଷ୍ଟି ହୋଇଥିବା ଘାଇର ମରାମତି କାମ ଆରମ୍ଭ ହୋଇଛି। ଏଥିପାଇଁ ଓଏଚ୍‌ପିସି ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରାଯାଇଛି। ଏହି ସମୟରେ ମହାନଦୀରେ ଜଳପ୍ରବାହ ମଧ କମ୍ ରହିଛି। ୭ଦିନ ଭିତରେ କାମ ସମ୍ପୂର୍ଣ୍ଣ କରିବାକୁ ଯୋଜନା ରହିଛି। ଆନିକଟର ବିଭିନ୍ନ ସ୍ଥାନରେ ହୋଇଥିବା ଗର୍ତ୍ତ, ଉପରୁ ଉଠିଯାଇଥିବା ପଥର ଗୁଡ଼ିକର ମରାମତି କରାଯାଉଛି। ପାଣି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୋଜନା କରାଯାଉଛି। ପାଣି ବନ୍ଦ ହେଲେ ମୁଖ୍ୟ ଘାଇର ମରାମତି କାମ କରାଯିବ ବୋଲି ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମହାନଦୀ ଅଯୋଧା ସରୋବର ଆନିକଟରେ ପ୍ରାୟ ୧୦ଫୁଟରୁ ଊର୍ଦ୍ଧ୍ୱ ଘାଇ ସୃଷ୍ଟି ହୋଇଥିଲା। ତେଣୁ ଆନିକଟ ଉପରମୁଣ୍ଡ ମହାନଦୀର ପାଣି ପରିମାଣ କମିଯାଇଥିଲା। ଏହାକୁ ନେଇ ସହରବାସୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ମରାମତି ନ ହେଲେ ମହାନଦୀ ପାଣି ଉପରେ ନିର୍ଭର କରୁଥିବା ସମ୍ବଲପୁରବାସୀ ସମସ୍ୟାର ସମ୍ମୁଖୀନ ହେବେ। ଆଗକୁ ଗ୍ରୀଷ୍ମ ଋତୁ ଆସୁଛି। ସେପଟେ ହୀରାକୁଦ ଜଳଭଣ୍ଡାରର ଗେଟଗୁଡ଼ିକ ବନ୍ଦ କରିଦିଆଯିବ। ତେଣୁ ଶୀଘ୍ର ମରାମତି କରିବାକୁ ଦାବି ହୋଇଥିଲା।



ଆନିକଟରେ ସୃଷ୍ଟି ହୋଇଥିବା ଘାଇର ମରାମତି କାର୍ଯ୍ୟ ହେଉଛି ।

# ଦୁର୍ଘଟଣାରେ ବୃଦ୍ଧା ମୃତ

ରେଢାଖୋଲ,୮।୧୨(ଡି.ଏନ.ଏ.)

ଦୁର୍ଘଟଣାରେ ଚାରମାଳ ଥାନା ରେଙ୍ଗାଲି ଗ୍ରାମର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଅମ୍ବିକା କୁମ୍ଭାର (୬୧)। ସୂଚନାମତେ ବୁଧବାର ସନ୍ଧ୍ୟାରେ ଅମ୍ବିକା ବିଲରୁ ଧାନ ବିଡା ଧରି ଘରକୁ ଫେରୁଥିଲେ। ଏହି ସମୟରେ ଏକ ସ୍କୁଟର (ଓଡି୧୫-୧୩୩୨) ତାଙ୍କୁ ପଛ ପାଖରୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧା ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନା ଆଣିଥିଲେ। ସେଠାରୁ ତାଙ୍କୁ ବୁର୍ଲା ବଡ ଡାକ୍ତରଖାନାକୁ ନିଆଯାଇଥିଲା। ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ମାମଲା ନଂ୧୭୪ ରୁଜୁ କରି ଦୁର୍ଘଟଣା ଘଟାଇଥିବା ସ୍କୁଟର ଜବତ କରିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ୋତ୍ସବ

ରେଢ଼ାଖୋଲ,୮।୧୨(ଡି.ଏନ.ଏ.)

ରେଢ଼ାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାବିଂଶତମ ବାର୍ଷିକ କ୍ରୀଡୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଦିନବନ୍ଧୁ ଦାଶ ଅତିଥି ପରିଚୟ ଓ କ୍ରୀଡ଼ା ପ୍ରମୁଖ ଜିତେନ୍ଦ୍ର କୁମାର ସାହୁ ବାର୍ଷିକ କ୍ରୀଡା ବୃତ୍ତକଥନ କରିଥିଲେ। ପରିଚାଳନା ସମିତି ସଭାପତି ମହାବୀର ସିଂ ଦେଓଙ୍କ ସଭାପତିତ୍ୱରେ ସମାରୋହ ଅନୁଷ୍ଠିତ ହୋଇଥିଲା। ପଞ୍ଚାନନ ଗଡନାୟକ, ଉପସଭାପତି ସତ୍ୟନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୩୧ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ମୋଟ ୨୩୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ କିଶୋର ବର୍ଗରୁ ଶ୍ରୀ ସ୍ୱାଇଁ, ରୋମୀ ବିଶ୍ୱାଳ, ସୋଫୁଆ ଦେହୁରି, ରିତେଶ ଖଡିରତ୍ନ ଓ ପ୍ରିୟରଞ୍ଜନ ଗଡନାୟକ, ବାଲ ବର୍ଗରୁ ଓମ୍‌ପ୍ରକାଶ ବେହେରା, ଅର୍ଚ୍ଚିତା ପ୍ରଧାନ ଓ ଶିଶୁବର୍ଗରୁ ମିଲନ ଘିବାଲା, ଆଶା ନାଗ ବିବେଚିତ ହୋଇଥିଲେ। ଏନ୍‌ଏସି ଅଧକ୍ଷ ଶିବରାମ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ବିଜ୍ଞାନ ମେଳାରେ ୧୬୫ ପ୍ରକଳ୍ପ ପ୍ରଦର୍ଶିତ



କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ନାକଟିଦେଉଳ,୮।୧୨(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକସ୍ତରୀୟ ବିଜ୍ଞାନ, ପରିବେଶ ଓ ଗଣିତ ମେଳା ବୁଧବାର କିସିଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏଥିରେ ସମୁଦାୟ ୧୬୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସିନିୟର ବିଭାଗରେ ୩୮, ଜୁନିୟରରେ ୬୩ ଓ ସବଜୁନିୟରରେ ୬୪ଟି ବିଜ୍ଞାନ, ଗଣିତ ଓ ପରିବେଶ ସଂପର୍କିତ ପ୍ରକଳ୍ପ ସ୍ଥାନ ପାଇଥିଲା। ୬୩ଜଣ କୃତିତ୍ୱ ହାସଲ କରିଥିଲେ। ସିନିୟର ବର୍ଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୭ ପ୍ରକଳ୍ପ ଓ ଜୁନିୟର ବର୍ଗରୁ ପ୍ରଥମ ହୋଇଥିବା ୭ ପ୍ରକଳ୍ପ ଜିଲା ସ୍ତରକୁ ମନୋନୀତ ହୋଇଛି। ନାକଟିଦେଉଳ ମହାବିଦ୍ୟାଳୟ ଅଧ୍ୟାପକ ଡ଼. ପ୍ରସାନ୍ତ କୁମାର ଦାଶ, ଅଧ୍ୟାପିକା ବିନୀତା ମୁର୍ମୁ, ଶିକ୍ଷକ ଗୋଲାପ ମାଝି, ଜଗନ୍ନାଥ ବିଶ୍ୱାଳ, ପ୍ରଜ୍ଞାପାରମିତା ସାହୁ, କୁସୁମ ଧଳ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଏହି ବିଜ୍ଞାନ ମେଳାକୁ କିସିଣ୍ଡା ସରପଞ୍ଚ ରୀନା ନାୟକ ଉଦ୍‌ଘାଟନ କରିଥିଲେ। କିସିଣ୍ଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି, ରେଢାଖୋଲ କେନ୍ଦୁପତ୍ର ବିଭାଗର ରେଞ୍ଜ ଅଫିସର ଛବିଳ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ବିଇଓ ବିଜୟ କୁମାର ପାତ୍ର, ସମିତିସଭ୍ୟା ଯାଜ୍ଞସେନୀ କୁଅଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଦେଶ ପ୍ରଗତିରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଝାରସୁଗୁଡ଼ା ଅଫିସ,୮।୧୧

ଏକ ପ୍ରଗତିଶୀଳ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଓ ଅନ୍ୟ ଅତିଥିମାନେ ଏହା କହିଥିଲେ। ଜିଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଝାରସୁଗୁଡା ଗସ୍ତରେ ଆସିଥିବା ମହିଳା ଆୟୋଗ ଅଧକ୍ଷା ଡ. ମିନତୀ ବେହେରା ସାଧାରଣ ମହିଳାମାନଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ଅଧିନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ସରୋଜ କୁମାର ସାମଲ ସବୁ ଦୃଷ୍ଟିରୁ ମହିଳାମାନଙ୍କୁ ସଶକ୍ତ କରାଇବା ଜରୁରୀ ବୋଲି କହିଥିଲେ। ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଆତ୍ମସମ୍ମାନ ସହ ଜୀବନ ଜିଇଁବା ମହିଳାମାନଙ୍କ ସାମ୍ବିଧାନିକ ଅଧିକାର ବୋଲି ମତ ଦେଇଥିଲେ। ଏହି ଅବସରରେ ଆଶାକର୍ମୀ ମନ୍ଦାକିନୀ ରକ୍ସା, ଅଙ୍ଗନୱାଡ଼ି କର୍ମୀ ମହିମା ସାହୁ, ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ସାବିତ୍ରୀ ବଳ, ଡା. ହୃଷୀକେଶ ନାଏକ, ଭାତଲଇ ମା' ଶାରଦା ସ୍ୱୟଂ ସହାୟକ ଗୋଷ୍ଠୀ, ପରମାଣପୁର ସରପଞ୍ଚ ଗୁଣମଣି ପ୍ରଧାନ, ଆଇନଜୀବୀ ବି. ନାଗେଶ୍ୱରୀ, ସଖୀ କେନ୍ଦ୍ରର ସୁନିତା ଭଇଁସା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ,୮।୧୨:** କୋଲାବିରା ବ୍ଲକ କେଲଡାମାଲ ପଞ୍ଚାୟତ ଟାଙ୍ଗରମୁଣ୍ଡା ଗାଁର ପ୍ରଫୁଲ୍ଲ କିଷାନ(୨୭) ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ପ୍ରଫୁଲ୍ଲ ବୁଧବାର କାମରୁ ଫେରି ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଗ୍ରାମର କିଛି ଲୋକ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କିର୍ମିରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ଲଇକେରା ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

# ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ରେ ବିଶ୍ୱ ମୃତ୍ତିକା ଦିବସ

ସମ୍ବଲପୁର,୮।୧୨(ବ୍ୟୁରୋ)

ସମ୍ବଲପୁର ଠେଲକୋଲୋଇସ୍ଥିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଗୋଟିଏ ଦିନରେ ବିଭିନ୍ନ ପ୍ରଜାତିର ୭୯୦୦ ଚାରା ରୋପଣ କରାଯାଇଥିଲା। ବିପିଏସ୍‌ଏଲ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସଭାପତି ଅନୀଲ ସିଂ ଚାରା ରୋପଣ କରି ଅନ୍ୟ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ପରିଚାଳନା ଅଧିକାରୀ ଉମେଶ ରାୟ କାରଖାନା ପରିସରରେ ଥିବା ସମସ୍ତ ଖାଲି ସ୍ଥାନରେ ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। କାରଖାନାର ପାୱାର ପ୍ଲାଣ୍ଟ, କୋଲ୍ଡ ରନିଂ ମଲ, ବିଏଫ-୧, କୋକ ଓଭେନ, ଏସ୍‌ଏମ୍‌ଏସ୍ ଟ୍ୟୁବ ମିଲ, ଟ୍ରକ ପାର୍କିଂ ଅଞ୍ଚଳରେ ଚାରା ରୋପଣ କରାଯାଇଥିଲା।



ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପରିସରରେ ଚାରାରୋପଣ କରାଯାଉଛି ।

# ପୁରୁଣା ବୋର୍ଡରେ ରଙ୍ଗ ଲଗାଇ ଚପାଇବା ଉଦ୍ୟମ

## ମିନି ଷ୍ଟାଡିୟମ ପାଚେରି କାମରେ ଅନିୟମିତତା ଘଟଣା

ସମ୍ବଲପୁର,୮।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ପଞ୍ଚାୟତ ସମିତି ପକ୍ଷରୁ ତହସିଲ ଅଫିସ ପଛପଟେ ମିନି ଷ୍ଟାଡିୟମ ନିର୍ମାଣ କାମରେ ଅନିୟମିତତା ଅଭିଯୋଗ ହୋଇଥିଲା। ଯୁଯୁମୁରା ସରପଞ୍ଚ ବାସନ୍ତି ପ୍ରଧାନ ଓ ସମିତି ସଭ୍ୟ ଜୟନ୍ତ ପ୍ରଧାନ ବିଡିଓଙ୍କୁ ଏ ନେଇ ଅଭିଯୋଗ କରିଥିଲେ। ଏହା ଜଣାପଡିବା ପରେ ଠିକା ନେଇଥିବା ବ୍ୟକ୍ତି ଓ ବ୍ଲକ ପ୍ରଶାସନ ଘଟଣାକୁ ଚପାଇବାକୁ ଉଦ୍ୟମ କରିଛନ୍ତି। ସୂଚନାଫଳକ ନ ଥିବା ନେଇ ହୋଇଥିବା ଅଭିଯୋଗକୁ ଚପାଇବାକୁ ଯାଇ ପୁରୁଣା ସୂଚନା ଫଳକରେ ରଙ୍ଗ ଲଗାଇ ପୁଣି ଲେଖି ଦିଆଯାଇଛି। ୨୦୧୪ରେ ଜମିର ଉନ୍ନତିକରଣ ପାଇଁ ଅନୁଦାନ ଆସିଥିବା କାମର ସୂଚନା ରହିଥିଲା। ହେଲେ ଏହା ଉପରେ ରଙ୍ଗ ଲଗାଇ ନୂତନ କାମର ସୂଚନା ଲେଖାଯାଇଛି। ପୂର୍ବ ଓ ପର ଫଟୋ



ଯୁଯୁମୁରା ମିନିଷ୍ଟାଡିୟମରେ ଲାଗିଥିବା ପୁରୁଣା ବୋର୍ଡ (ବାମ)। ପୁରୁଣା ବୋର୍ଡରେ ରଙ୍ଗ ଲଗାଯାଇ ଲେଖାଯାଇଛି ।

ଦେଖିଲେ ଏହା ସ୍ପଷ୍ଟ ହୋଇଯାଉଛି। ଅନ୍ୟପଟେ ଏହି ଯୋଜନାରେ ସରକାରୀ ଜମି ଜବରଦଖଲ ଆଶଙ୍କା, କିମ୍ବା ଜବରଦଖଲ ହୋଇଥିବା ମୂଲ୍ୟବାନ ଜମିକୁ ଉଚ୍ଛେଦ କରି ପାଚେରି ନିର୍ମାଣ କରିବାକୁ ନିୟମ ରହିଛି। ପାଚେରି କାନ୍ଥ ଉଚ୍ଚତା ମଧ କମ ରଖିବାକୁ ନିର୍ଦ୍ଦେଶ ଅଛି। ହେଲେ ଏହି କାମରେ ବ୍ୟାପକ ଅନମିୟତା କରାଯାଉଥିବା ଅଭିଯୋଗ ହେଉଛି। ପୂର୍ବରୁ ଏହି ମିନି ଷ୍ଟାଡିୟମର ଉନ୍ନତି କରିବା ପାଇଁ ପ୍ରଥମେ ୧୦ ଲକ୍ଷ ଓ ପରେ ୫ ଲକ୍ଷ ଟଙ୍କାର କାମ ହୋଇସାରିଛି। ଜମି ଚିହ୍ନଟ ହୋଇ ପଟ୍ଟା ମଧ ହୋଇସାରିଛି। ଜବରଦଖଲ ହେବାର କୌଣସି ଭୟ ନାହିଁ। ହେଲେ ଏହି ସ୍ଥାନରେ କାହା ସ୍ୱାର୍ଥରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ କାମ ଆରମ୍ଭ କରାଯାଇଥିଲା ବୋଲି ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ, ଯୁଯୁମୁରା ତହସିଲ ପକ୍ଷରୁ ବ୍ଲକ ପ୍ରଶାସନକୁ ୨୬ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ସରକାରୀ ଜମି ରକ୍ଷଣାବେକ୍ଷଣ କରିବା ନେଇ ଖର୍ଚ୍ଚ କରିବାକୁ ଚିଠି କରାଯାଇଥିଲା। କୁକୁଡାପାଲି, ଜୟନ୍ତପୁର, ଯୁଯୁମୁରା ୩ ସ୍ଥାନରେ ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଯୁଯୁମୁରା କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପାଚେରି ନିର୍ମାଣ କାମ ମଧ ନିମ୍ନମାନର ହୋଇଛି। ଏ ସମ୍ପର୍କରେ ଯୁଯୁମୁରା ତହସିଲଦାର ଅଭିଷେକ ସାହୁ କହିଛନ୍ତି, ବ୍ଲକ ପ୍ରଶାସନକୁ ଅନୁଦାନ ଦିଆଯାଇଛି। କାମ ସମ୍ପୂର୍ଣ୍ଣ ହେଲା ପରେ ଯାଞ୍ଚ କରାଯିବ ଓ ୟୁସି ମଗାଯିବ ବୋଲି କହିଥିଲେ।

**ବୌଦ୍ଧ ଜିଲ୍ଲା ବିଜେଡିରେ ଉତ୍ସବର ମାହୋଲ**

ବୌଦ୍ଧ,(ସ୍ୱ.ପ୍ର.): ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀନୀ ବର୍ଷାସିଂ ବରିହା ବିଜୟୀ ହେବା ପରେ ବୌଦ୍ଧ ଜିଲ୍ଲା ବିଜେଡିରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ଗାନ୍ଧୀଛକଠାରେ ଆତସବାଜି ଲଗାଇ ଉତ୍ସବ ପାଳିବା ସହିତ ପରସ୍ପର ମିଠା ଖୁଆଇଥିଲେ। ଏହି ଅବସରରେ ବିଜେଡି ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରିଷ୍ଠ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ପାଇଁ ସ୍ଲୋଗାନମାନ ଦେଇଥିଲେ।

## ସଂକ୍ଷେପରେ

### ସତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ୨ୟ ବୈଠକ

**ଭବାନୀପାଟଣା,୮।୧୨(ସ୍ୱ.ପ୍ର.):** ଭବାନୀପାଟଣା ଉପଖଣ୍ଡ ନିର୍ବାଚନ ମଣ୍ଡଳୀର ସତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ର ଦାବି ଓ ଆପତ୍ତି ଦାଖଲ କରିବା ଶେଷ ତାରିଖ ଗୁରୁବାର ରହିଥିଲା। ଏହି ଅବସରରେ ଭବାନୀପାଟଣା ଉପଜିଲାପାଳ ଡ. ବିଶଜିତ ଦାସଙ୍କ ଅଧ୍ୟକ୍ଷତାରେ ଜାତୀୟ ତଥା ରାଜ୍ୟସ୍ତରୀୟ ରାଜନୈତୀକ ଦଳକୁ ନେଇ ୨ୟ ବୈଠକ କରଯାଇଥିଲା। ବୈଠକରେ ବିଭିନ୍ନ ରାଜନୈତିକ ଦଳର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ଦାବି ଓ ଆପତ୍ତି ସମ୍ବନ୍ଧୀୟ ଫର୍ମ ୯, ୧୦, ୧୧, ୧୧ (କ) ଓ ୧୧ (ଖ) ଗୁଡିକ ବିଷୟରେ ଆଲୋଚନା କରିବା ସହ ଉପଜିଲପାଳଙ୍କଠାରୁ ଗ୍ରହଣ କରିଥିଲେ। ଉପଜିଲାପାଳଙ୍କ ନୂତନ ପଞ୍ଜୀକରଣ, ଯୁବ ଭୋଟରଙ୍କୁ ତାଲିକା ଭୁକ୍ତ କରାଇବା ତଥା ବାଦ ପଡିଯାଇଥିବା ସମ୍ପ୍ରଦାୟଙ୍କ ନାମକୁ ଭୋଟର ତାଲିକାକୁ ଆଣିବା ପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଏହା ବ୍ୟତିତ ରାଜନୈତୀକ ଦଳର ପ୍ରତିନିଧିଙ୍କୁ ନିଜ ଦଳର ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବାକୁ ପୁଣିଥରେ ପରାମର୍ଶ ଦେଇଥିଲେ। ବୈଠକରେ ବିଜେଡିର ଚିତ୍ତ ରଞ୍ଜନ ମଣ୍ଡଳ, ଭବାନୀ ଶଙ୍କର ନିଆଲ, ଆଶୁତୋଷ ପୁରୋହିତ, କଂଗ୍ରେସର ବ୍ରଜ ମୋହନ ସାହୁ, ସିପିଆଇଏମର ନବକିଶୋର ପଟ୍ଟନାୟକ, ଭାଜପାର ପ୍ରେମନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ

**ପଦ୍ମପୁର,୮।୧୨(ଡି.ଏନ.ଏ.):** ପଦ୍ମପୁର ଉପଖଣ୍ଡ ଅଧୀନ ବାନ୍ଧୁପାଲିଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରୁଦ୍ର ନାରାୟଣ ଭୋଇଙ୍କ ଅଧକ୍ଷତାରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧନମାଳୀ ହାତୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସମୀର ସିଂ ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୮ଟି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷ ଦିବସରେ ସାମାଜିକ କର୍ମୀ ନିରୋଜ ଦୋରା ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

**କର୍ଲାମୁଣ୍ଡା,୮।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଭାଗୃହଠାରେ ଗୁରୁବାର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା କୁନି ସାହୁ ଅଧକ୍ଷତାରେ ବିଡିଓ ସୁଚରିତା ମୁଗ୍ରୀ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ମହେନ୍ଦ୍ର ରଣା ଓ ସୁରେଶ ଚୌଧୁରୀ, ଏଇ ସନ୍ଦିପ ନାଏକ, ଜିପିଇଓ ଯୁଗଳ କିଶୋର ନାଏକ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି, ଖବରଦାତା, ବୁଦ୍ଧିଜୀବୀମାନେ ଅଂଶ ଗ୍ରହଣରେ ବିଭିନ୍ନ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମ ବିଏସଇଓ ସସ୍ମିତା ପଟେଲ ପରିଚାଳନା କରିଥିଲେ କ୍ଲର୍କ ପ୍ରଦୀପ ମାଝି ସହଯୋଗ କରିଥିଲେ।

### ଭରୁଆମୁଣ୍ଡାଠାରେ ୩୪ତମ ଲକ୍ଷ୍ମୀପୂଜା

**ସିନାପାଲି,୮।୧୨(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡାଠାରେ ୩୪ତମ ମାଣବସା ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ପାଣି ଆଣି ଗାଁ ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗାଁ ଝାଙ୍କର ହରିଚନ୍ଦ୍ର ମାଝି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ରାତ୍ରିରେ ବିଭିନ୍ନ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଏହା ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ ବୋଲି ପୂଜା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ପ୍ରତ୍ୟହ ରାତ୍ରିରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମୁଥିବା ବେଳେ ଆଖପାଖ ଗ୍ରାମର ବହୁ ଲୋକେ ମା'ଙ୍କ ଦର୍ଶନ କରିବାକୁ ଆସୁଛନ୍ତି। ପୂଜା କମିଟି ସଭାପତି ଦୁର୍ଯ୍ୟୋଧନ ମାଝି, ସମ୍ପାଦକ ସୋଦନ ପଟେଲ, ସନାତନ ବାଗ, ହେରାମ୍ବ ବାଗ, ମହିନ୍ଦ୍ର ମାଝି, ସୁରେଶ ବାଗ, ଉଗ୍ରସନ ହଂସ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଦାୟିତ୍ୱ କରିଛନ୍ତି।

# ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ଆଗ୍ରହ ରଖିବାକୁ ପରାମର୍ଶ

**ବଲାଙ୍ଗୀର ଅଫିସ,୮।୧୨**


ଉଦ୍‌ଯାପନୀ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ସ୍ଥାନୀୟ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଦୁଇଦିନିଆ ବଲାଙ୍ଗୀର ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନୀ ଗୁରୁବାର ଉଦ୍‌ଯାପିତ ହୋଇଛି। ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଶିକ୍ଷା ଓ ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ଆଗ୍ରହ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନିତିଶ କୁମାର ଯୋଗଦାନ କରି ନିଜ ଅଭିଜ୍ଞତାରୁ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ବର୍ଣ୍ଣନା କରି ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷା ଦିଗରେ ଉତ୍ସାହ ବୃଦ୍ଧି କରିଥିଲେ। ଡ. ରାହୁଲ ପ୍ରକାଶ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ବେହେରା ଗୁଣାତ୍ମକ ପ୍ରକଳ୍ପ ତିଆରି କରିବା ପାଇଁ ଛାତ୍ରୀଛାତ୍ର ଓ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ସନାତନ ଠାକୁର ଯୋଗଦେଇ ମତାମତ ରଖିଥିଲେ। ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ସରୋଜ କୁମାର ନାୟକ ବିଜ୍ଞାନ ମେଳାର ବିବରଣୀ ପ୍ରଦାନ କରିଥିଲେ। ବିଚାରକମାନେ ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପକୁ ରାଜ୍ୟସ୍ତରକୁ ମନୋନୀତ କରିଥିଲେ। ବେଲପଡା ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀ କୃଷ୍ଣାରାଣୀ ପାତ୍ରଙ୍କ ପ୍ରକଳ୍ପ, ଲଠୋର ନୋଡାଲ ୟୁପି ସ୍କୁଲର ଛାତ୍ର ଆମଜିର ଭାଟି, ଚନ୍ଦ୍ରପୁର ଓଏଭି ଛାତ୍ରୀ ସୁପ୍ରିୟା ସାହୁ, ଭାଲୁମୁଣ୍ଡା ଓଏଭି ଛାତ୍ର ପ୍ରୀତ ଅନୁରାଗ ଠାକୁର, ବିଁବିନା ଓଏଭି ଛାତ୍ରୀ ସୋନାଲି ଗହୀର, ସାଉନ୍ତପୁର ସୁରଜମଲ ହାଇସ୍କୁଲ ଛାତ୍ରୀ ଆଲିଶା ତାଣ୍ଡି, ବିଁବିନା ଓଏଭି ଛାତ୍ରୀ କାଜଲ ମେହେରଙ୍କ ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ କରାଯାଇଛି। ଏହାସହିତ ଜିଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନ ପ୍ରତିଯୋଗିତାରେ ୧୩ଟି ପ୍ରକଳ୍ପକୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଶ୍ରେଷ୍ଠ ମାର୍ଗଦର୍ଶକ ଶିକ୍ଷକ ଭାବେ ଦେମୁହାଣ ସ୍ୱସ୍ତି ବିଦ୍ୟାପୀଠର ଶିକ୍ଷକ ହୃଷୀକେଶ ମେହେର ଓ ସଚ୍ଚିଦାନନ୍ଦ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକତା ପଟେଲଙ୍କୁ ପୁରସ୍କୃତ କରାଯାଇଥିଲା। ପରିତୋଷ ମେମୋରିଆଲ ଟ୍ରଫି ଅମ୍ବାପାଲି ପଞ୍ଚାୟତ ହାଇସ୍କୁଲର ଶିକ୍ଷକ ଅନିଲ କୁମାର ନନ୍ଦଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରଚାଳନା କରିବାରେ ଶିକ୍ଷକ ଆନନ୍ଦ ବଡପଣ୍ଡା, ଶିବ ପ୍ରସାଦ ତ୍ରିପାଠୀ, ଅନୀଲ ନନ୍ଦ, ଅଶ୍ୱିନୀ ଷଡଙ୍ଗୀ, ବିଶ୍ୱଜିତ ପଧାନ ସହଯୋଗ କରିଥିଲେ। ରାମ ଗୋପାଳ ଖମାରୀ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ**

# ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବାଉଁଶୁଣୀ, ୮।୧୨(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ମେଡ଼ିକାଲ ପଡ଼ିଆରେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସକାଳୁ ଛାତ୍ରମାନେ ଜଗତି ନିକଟସ୍ଥ ଐତିହାସିକ ଗନ୍ଧରାଡି ମନ୍ଦିରରୁ କ୍ରୀଡ଼ା ଜ୍ୟୋତି ଆଣିବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପଡ଼ିଆରେ ସ୍ଥାପନ କରାଯାଇଥିଲା। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଖମାରୀଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟବନ୍ଧ ସରପଞ୍ଚ ଟୁନି ମହାନନ୍ଦିଆ, ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍ସବ ସାହୁ, ଏସ୍‌ଏମ୍‌ସି ସଭାପତି ସ୍ୱାଧୀନ କୁମାର ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃପାସିନ୍ଧୁ ପାତ୍ର, ସୁଧାଂଶୁ ଶେଖର ମିଶ୍ର, ସ୍ୱେଚ୍ଛାସେବୀ ବିକ୍ରମ ମହାନନ୍ଦିଆ ଯୋଗ ଦେଇଥିଲେ। ଖେଳ ବି ଶିକ୍ଷାର ଏକ ଅଂଶ। ଖେଳ ଦ୍ୱାରା ଶାରୀରିକ, ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ଯାନୀ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ଆଦିତ୍ୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରି ଖେଳକୁ ଉଦ୍‌ଘାଟନ କରିଥିଲେ। ତତ୍ପରେ ଛାତ୍ରମାନଙ୍କ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାକୁ ଅତିଥିମାନେ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହା ପରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଖେଳ ଶାରୀରିକ ଶିକ୍ଷକ ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସମସ୍ତ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ଏହି ବାର୍ଷିକ ଖେଳ ଉଦ୍‌ଯାପିତ ହେବ।

# ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର

**ବଲାଙ୍ଗୀର ଅଫିସ,୮।୧୨**

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଗୁରୁବାର ବଲାଙ୍ଗୀର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଓଷ୍ଟା ବଲାଙ୍ଗୀର ସଭାପତି ଅବନୀ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭ ସମାବେଶରେ ବଲାଙ୍ଗୀର ଜିଲାର ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ କଲେଜ କର୍ମଚାରୀ ଯୋଗ ଦେଇଥିଲେ। ସମାବେଶରେ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ସରକାରଙ୍କ କର୍ମଚାରୀ ବିରୋଧୀ ନୀତିକୁ କଟୁ ସମାଲୋଚନା କରିଥିଲେ। ଓଷ୍ଟା ସଭ୍ୟ ତାରାକାନ୍ତ ମିଶ୍ର, ଆଗଲପୁର ଓଷ୍ଟା ସମ୍ପାଦକ ଅମୂଲ୍ୟ ବେହେରା, ଗୋବିନ୍ଦ ଭୋଇ ମତାମତ ରଖିଥିଲେ। ଶେଷରେ ଓଷ୍ଟା ଯୁଗ୍ମ ସମ୍ପାଦକ ଅନିଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନୀତି ବିଜ୍ଞାନ ବିଭାଗ ଚାମ୍ପିୟନ


ଚାମ୍ପିୟନ ଟିମ୍‌କୁ ଅତିଥି ବୃନ୍ଦ ପୁରସ୍କୃତ କରୁଛନ୍ତି।

**ସୋନପୁର,୮।୧୨(ନି.ପ୍ର.)**

**ସୋନପୁର କଲେଜ ଆନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ନାମେଣ୍ଟ**

ସୋନପୁର କଲେଜ ପଡିଆରେ ଗତ ୬ ଦିନ ଧରି ଚାଲିଥିବା ଆନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଶିକ୍ଷା ବିଭାଗ ଓ ରାଜନୀତି ବିଜ୍ଞାନ ବିଭାଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜନୀତି ବିଜ୍ଞାନ ବିଭାଗ ଚାମ୍ପିୟନ ହୋଇଥିଲା। ଯୁକ୍ତ ୨, ଯୁକ୍ତ ୩ ଓ ଏନ୍‌ସିସି ଭଳି ୧୬ଟି ବିଭାଗର ଛାତ୍ର ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ସେହିପରି ଶିକ୍ଷକ ଓ ଅଣଶିକ୍ଷା କର୍ମଚାରୀଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କଲେଜର ଅଧ୍ୟକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ସୋନପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ ଯୋଗଦାନ କରି ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପୌରାଧ୍ୟକ୍ଷ ପ୍ରକାଶ ସାହୁ, ଜିଲା କ୍ରୀଡା ସଂଘର ସମ୍ପାଦକ ପିୟୁଷ କୁମାର ପଣ୍ଡା, ଯୁବ ନେତା ସୀତାରାମ ମହାପାତ୍ର ଓ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ରୋହନ ସୁନାଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। କଲେଜ କ୍ରୀଡା ବିଭାଗର ଉପସଭାପତି ଭାଗିରଥୀ ମହାପାତ୍ର ଓ ଆଶିଷ କୁମାର ଅଗ୍ରୱାଲା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଛାତ୍ର ନେତା ଅଭିଷେକ ଶର୍ମା, ଚନ୍ଦନ ବେହେରା, ଦେବାଶିଷ ପଟ୍ଟନାୟକ, ସୌରଭ ମହାକୁର ଓ ପ୍ରଦୀପ ଦେହୁରୀ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ଘୁମୁରା ଉତ୍ସବ ପାଇଁ ପ୍ରଚାର, ବିଜ୍ଞପ୍ତି ଉପକମିଟି ବୈଠକ

**ଭବାନୀପାଟଣା,୮।୧୨(ସ୍ୱ.ପ୍ର.)**

ଭବାନୀପାଟଣା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଗୁରୁବାର କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୩ ପ୍ରଚାର ଓ ବିଜ୍ଞପ୍ତି ଉପକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧ୍ୟକ୍ଷ ଶାନ୍ତନୁ ବେହେରା ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଉତ୍ସବ ଘୁମୁରା ରୌପ୍ୟ ଜୟନ୍ତୀ ଉତ୍ସବ କିଭଳି ବହୁଳ ଭାବେ ପ୍ରଚାର ପ୍ରସାର କରିବା ଓ ସଫଳତାର ସହ ରୂପାୟନ କରିବା ଦିଗରେ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ଉପକମିଟି ପକ୍ଷରୁ ସମସ୍ତ ବ୍ଲକ ଓ ଏନଏସିରେ ହୋର୍ଡିଂ ସ୍ଥାପନ, ଭବାନୀପାଟଣାଠାରେ ତୋରଣ ଓ ହୋର୍ଡିଂ ସ୍ଥାପନ, ପୋଷ୍ଟର, ଦୂରଦର୍ଶନ ଓ ଆକାଶବାଣୀ ମାଧ୍ୟମରେ ପ୍ରଚାର, ଏଲଇଡି ସ୍କ୍ରିନରେ ସୂଚନା ପ୍ରଦର୍ଶନ, ପ୍ରେସମିଟ, ମିଡ଼ିଆ ପଏଣ୍ଟ ଉପରେ ଆଲୋଚନା ହୋଇଥିଲା। ଉପ କମିଟି ସଂଯୋଜକ ଅଧିକାରୀ ଡିଆଇପିଆର୍‌ଓ. ମନୋଜ କୁମାର ବେହେରା ପ୍ରସ୍ତାବ ଆଗତ ସହ ସଭା ପରିଚାଳନା କରିଥିଲେ। ବୈଠକରେ ଖବରଦାତା ଦେବେନ୍ଦ୍ର ବିଶି, ହର୍ ଜିନ୍ଦର୍ ସିଂ, ନାରାୟଣ ନାୟକ, ରଜନୀକାନ୍ତ ମିଶ୍ର, ମନମୋହନ ପ୍ରଧାନ, ସାଧୀନ ପାତ୍ର, ରାଜକୁମାର ସିଂଦେଓ, ଲକ୍ଷ୍ମଣ ସ୍ୱାଇଁ, ତୁଳମଣି ନାଗ, ସୁନିଲ କୁମାର୍ ପାଢ଼ୀ, ମଧୁସୂଦନ ମହାପାତ୍ର ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ତଥା ଡୁଡ଼ା ଅଧିକାରୀ ବିମଳ କୁମାର ସାହୁ ଉପସ୍ଥିତ ଥିଲେ। ଉପ କମିଟି ଆବାହକ ହର୍ ଜିନ୍ଦର୍ ସିଂ ଧନ୍ୟବାଦ ଦେଇଥିଲେ।

# ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ


ବିଜ୍ଞାନ ମେଳାର ଉଦ୍‌ଯାପନୀ ମୁହୂର୍ତ୍ତ।

**ବୌଦ୍ଧ, ୮।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକସ୍ଥିତ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ଲୁଣିବାହାଲଠାରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ୮ନମ୍ବର ଜିଲା ପରିଷଦର ସଭ୍ୟା ତାରାମଣୀ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଲୁଣିବାହାଲ ପଞ୍ଚାୟତର ସମିତି ସଭ୍ୟା ଦିପାଳି ଅମାତ, ସହଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱରାଜ କହଁର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୃପ୍ତୀ ରଞ୍ଜନ ଦାନୀ ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ବ୍ଲକର ୭୪ଟି ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୧୭ଟି ବିଜ୍ଞାନ, ଗଣିତ, ପରିବେଶ ପ୍ରକଳ୍ପ ପ୍ରଦର୍ଶୀତ ହୋଇଥିଲା । ବିଚାରକ ଭାବରେ ବିଜ୍ଞାନ ଶିକ୍ଷକ ଅରବିନ୍ଦ ରଥ, ସୁବାସ ଚନ୍ଦ୍ର ମହାକୁଲ ଯୋଗଦେଇଥିଲେ। ପ୍ରଦର୍ଶନୀରେ ୭ଟି ବରିଷ୍ଠ ଓ କନିଷ୍ଠ ବର୍ଗର ୧୪ ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲା ଶିକ୍ଷାଧିକାରୀ ଡ. ଉଦୟନାଥ ମାଝି, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରୋଦ ମେହେର, ସମ୍ମାନିତ ଅତିଥି ଭାବରେ ଲୁଣିବାହାଲ ପଞ୍ଚାୟତର ସରପଞ୍ଚ ଚନ୍ଦ୍ରମା ପ୍ରଧାନ, ସହଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱରାଜ କହଁର, ସିଆରସିସି ସତ୍ୟନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜ୍ଞାନ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁ, ତ୍ରିଲୋଚନ ସାହୁ, ଜୟଦେବ ରଥ, ସେବତୀ ଭାରତୀ, ମନମୋହନ ପ୍ରଧାନ, ବିଜୟାନନ୍ଦ ସାହୁ, ମାଗୁଣୀ ପ୍ରଧାନ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ସାମିଲ ଥିଲେ ।

# ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କଲା ଜିଲା ପ୍ରଶାସନ

**ବାଉଁଶୁଣୀ, ୮।୧୨(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଛକରେ ଜବରଦଖଲ ଉଚ୍ଛେଦ ପାଇଁ ବୁଲିଲା ବୁଲ ଡୋଜର। ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବୌଦ୍ଧ ତହସିଲଦାର ଓ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଉଚ୍ଛେଦ ପ୍ରକ୍ରିୟା। ଦୋକାନୀମାନଙ୍କ ସୁରକ୍ଷା ପାଇଁ ସେମାନଙ୍କୁ କିଛି ଦିନ ସମୟ ଦେବା ସହ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉଠା ଦୋକାନୀମାନେ ନିଜ ଜାଗା ଛାଡ଼ିଥିବାବେଳେ ଆଉ କିଛି ଲୋକ ଛାଡି ନ ଥିବା ଦେଖିବାକୁ ମିଳିଛି। ଯାହାକି ଗତ ବୁଧବାର ବୌଦ୍ଧ ଅତିରିକ୍ତ ତହସିଲଦାର ମହମ୍ମଦ ରୋୟାଏ ରସୁଲ, ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ ସାହୁ ବ୍ୟାପକ ପୋଲିସ ମୁତୟନ କରି ପ୍ରଥମ ପର୍ଯ୍ୟାୟରେ ଗୁନ୍ଦୁଲିଆ ରୋଡରେ ଜେସିବି ଲଗାଇ କିଛି ସ୍ଥାନକୁ ଭାଙ୍ଗିଥିଲେ। ଜବରଦଖଲ କରି ରହିଥିବା ଲୋକଙ୍କୁ ମଧ ନୋଟିସ କରାଯାଇଛି ଏବଂ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରେ ତାହା ମଧ ଭଙ୍ଗା ଯିବ ବୋଲି ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ କହିଛନ୍ତି।

# ଗଡ଼ିଲା ନିଶା ମୁକ୍ତ ସଚେତନତା ରଥ

**ସୋନପୁର,୮।୧୨(ନି.ପ୍ର.)**

ସୁବର୍ଣ୍ଣପୁରରେ ଗୁରୁବାର ନିଶା ମୁକ୍ତ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ରଥର ଶୁଭାରମ୍ଭ କରିଛନ୍ତି । ନିଶା ମୁକ୍ତ ଅଭିଯାନ ଅବସରରେ ଜିଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ଏହି ରଥ ଜିଲାବାସୀଙ୍କୁ ମାଦକଦ୍ରବ୍ୟ ବର୍ଜନ କରିବାକୁ ସଚେତନ କରିବ । ସୁସ୍ଥ ଓ ନିରୋଗ ରହିବା ପାଇଁ ଜିଲାବାସୀ ମଦ, ଗଞ୍ଜେଇ, ଡ୍ରଗ୍ସ, ତମାଖୁ ସେବନ ଓ ଧୂମପାନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆ ଯାଇଥିଲା। ଏହି ରଥ ଜିଲା ସଦର ମହକୁମା ସମେତ ବୀରମହାରାଜପୁର, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ଓ ତରଭା ବ୍ଲକ ପରିକ୍ରମା କରିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀ, ଡେପୁଟି କଲେକ୍ଟର ଆନନ୍ଦ ଚନ୍ଦ୍ର ପଣ୍ଡା, ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇ, ପ୍ରକାଶ ସା ଓ ଉପନିରୀକ୍ଷକ ସୁଧୀର ମିଶ୍ରଙ୍କ ସମେତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୋନପୁର ଇନଚାର୍ଜ ବ୍ରହ୍ମାକୁମାରୀ ସ୍ନେହା ଓ ସୁଭଦ୍ରା ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳ ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି ।

# ପାଳିତ ହେଲା ମର୍ଯ୍ୟାକୁଦର ଚୂଡାଖାଇ ଯାତ୍ରା

**ବୌଦ୍ଧ, ୮।୧୨(ସ୍ୱ.ପ୍ର)**


ମର୍ଯ୍ୟାକୁଦରରେ ଚୂଡାଖାଇ ଯାତ୍ରା।

ବୌଦ୍ଧ ଏନ୍‌ଏସିର ୨ଟି ୱାର୍ଡକୁ ନେଇ ଗଠିତ ମର୍ଯ୍ୟାକୁଦ। ଏହାକୁ ବୌଦ୍ଧର ଦ୍ୱୀପ କୁହାଯାଏ। ଏହି ମର୍ଯ୍ୟାକୁଦ ମହାନଦୀର ମଧ୍ୟରେ ଅବସ୍ଥିତ। ଗ୍ରାମଟିର ଚାରିପାଖେ ମହାନଦୀ ରହିଛି। କିନ୍ତୁ ଏଠାରେ ଏକ ଭିନ୍ନଧରଣର ଯାତ୍ରା ହୋଇଥାଏ ଏବଂ ସେହି ଯାତ୍ରାକୁ ଚୂଡାଖାଇ ଯାତ୍ରା ବା ସତୀକନ୍ୟା ଯାତ୍ରା ବୋଲି କହନ୍ତି। ଏହି ଯାତ୍ରା ମୁଖ୍ୟତଃ ଅଶ୍ଳୀଳ ଗୀତକୁ ନେଇ ହୋଇଥାଏ। ଗୁରୁବାର ମାର୍ଗଶୀର ମାସ ପୂର୍ଣ୍ଣିମା ଦିନ ପାଳିତ ହୋଇଛି ଚୂଡାଖାଇ ଯାତ୍ରା। ଯାତ୍ରାରେ ବିଶେଷତଃ ହେଲା ଅଶ୍ଳୀଳ ଗୀତ ଗାନ । ଅଶ୍ଳିଳ ଗୀତ ନ ବୋଲିଲେ ଗାଁରେ ଅମଙ୍ଗଳ ହୁଏ। ଏଭଳି ଏକ ଅନ୍ଧବିଶ୍ୱାସ କେଉଁ ଆବାହନ କାଳରୁ ଗାଁରେ ରହିଆସିଛି । ଯାତ୍ରା ଦିନ ଗ୍ରାମର ଛୋଟ ପିଲାଠାରୁ ଆରମ୍ଭ କରି ଯୁବତୀଯୁବକ ଓ ବୃଦ୍ଧାବୃଦ୍ଧ ଏକତ୍ରିତ ହୋଇ ଏହି ଅଶ୍ଳିଳ ଗୀତ ଗାନ କରି ଯାତ୍ରାରେ ବିରାଟ ପଟୁଆରରେ ଗାଁ ପରିକ୍ରମା କରିଥିଲେ। ଗାଁର ଇଷ୍ଟଦେବୀ ମା'ସତୀ କନ୍ୟାଙ୍କଠାରେ ଗ୍ରାମର ନାରୀମାନେ ଏହି ଯାତ୍ରା ଦିନ ପୂଜା କରିଥାନ୍ତି। ମା' ସତୀକନ୍ୟାଙ୍କ ପୂଜା ରୀତିନୀତି ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ ପାଳନ କରାଯାଇଥାଏ। ମା' ଜଣେ କୁମାରୀ କନ୍ୟା ହୋଇଥିବା ହେତୁ ଏଠାରେ ନଡିଆ, ଉଖୁଡା, ଖିରି, ପିଠା, ସିନ୍ଦୁର, କଜ୍ଜଳ ସହିତ ମାଈ କୁକୁଡା ଏବଂ ମାଈ ଛେଳି ଭୋଗ ଲାଗି କରାଯାଇଥାଏ। ଗ୍ରାମର ଦେହୁରୀଙ୍କ ଘରେ ବର୍ଷ ସାରା ପୂଜା ପାଇଆସୁଥିବାବେଳେ କିନ୍ତୁ ମାର୍ଗଶୀର ପୂର୍ଣ୍ଣିମାରେ ମା' ସତୀକନ୍ୟାଙ୍କ ପୀଠରେ କେବଳ ଗୋଟିଏ ଦିନ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଅଶ୍ଳିଳ ଗୀତ ଗାନ ହୋଇଥିବାବେଳେ ଏହାକୁ ଉପଭୋଗ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମି ଥାଏ। ପୂର୍ବରୁ ଗ୍ରାମକୁ ଡଙ୍ଗା ସାହାଯ୍ୟରେ ଯିବାକୁ ପଡୁଥିବା ବେଳେ କିନ୍ତୁ ଚଳିତବର୍ଷ ଉକ୍ତ ଦୀପକୁ ସେତୁ ନିର୍ମାଣ ହୋଇଥିବାରୁ ଏଥର ବହୁ ସଂଖ୍ୟାରେ ଲୋକ ଯାତ୍ରା ଦେଖିବାକୁ ଆସିଥିଲେ।

## ସଂକ୍ଷେପରେ

### ସ୍କୁଲ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବାକୁ ଏନ୍‌ଟିପିସିର ଉଦ୍ୟମ

**ସୁନ୍ଦରଗଡ଼,୮।୧୨(ଡି.ଏନ.ଏ.):** ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାମୂହିକ ବିକାଶକୁ ଆଗେଇ ନେବା ସହ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସଶକ୍ତ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ଉଦ୍ୟମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚଳିତ ସପ୍ତାହରେ ପ୍ରକଳ୍ପର ସିଜିଏମ ଏ.କେ ଟଣ୍ଡନ ଓ ଜିଏମ(ଟିଏସ) ଟି.କେ. ବାଗେଶ୍ୱରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଦର୍ଲିପାଲି ଓ ରାଏଡିହି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରିଥିଲେ। ଗୁରୁବାର ସିଜିଏମ ଟଣ୍ଡନ ଦର୍ଲିପାଲି ଲୋଚନ ସରକାରୀ ହାଇସ୍କୁଲ ପରିଦର୍ଶନ କରି ଏନଟିପିସି ଦର୍ଲିପାଲି ପକ୍ଷରୁ ସେଠାରେ ସ୍ଥାପିତ ଜଳ ବିଶୋଧନ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ଏଥିସହିତ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରିଥିଲେ। ଏହା ପରେ ସିଜିଏମ ଟଣ୍ଡନ ସସ୍ତ୍ରୀକ ଦର୍ଲିପାଲି ଗ୍ରାମପଞ୍ଚାୟତ ଯାଇ ସରପଞ୍ଚ ନଳିନୀ କୁମୁରା ଓ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହିପରି ଗତ ୬ ତାରିଖରେ ରାଏଡିହି ସରକାରୀ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ସକାଶେ ୨୬୦ଟି ସ୍କୁଲ ବ୍ୟାଗ ବିତରଣ କରାଯାଇଥିଲା।ଏହାପରେ ରାଏଡିହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଇଲାବତୀ ମାଝିଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସିଜିଏମ ଆଲୋଚନା କରିଥିଲେ।

### ଚିନ୍ମୟ ବିଦ୍ୟାଳୟରେ ନୂତନ ପାଠାଗାର ଉଦ୍‌ଘାଟିତ

**ଦେବଗଡ଼ ୮।୧୨(ଡି.ଏନ.ଏ):** ସୁନାମୁଣ୍ଡା ସ୍ଥିତ ଚିନ୍ମୟ ବିଦ୍ୟାଳୟରେ ଏକ ନୂତନ ପାଠାଗାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ପୁରନ ଚନ୍ଦ୍ର ଗୋଏଲଙ୍କ ସ୍ତ୍ରୀ ଅଙ୍ଗୁରି ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିବାର ପକ୍ଷରୁ ପ୍ରଦତ୍ତ ଅନୁଦାନରେ ନିର୍ମିତ ପାଠାଗାରକୁ ଗୋଏଲ ଆନୁଷ୍ଠାନିକ ଭାବେ ଫିତାକାଟି ଉଦ୍‌ଘାଟନ କରିଥିଲେ। ସ୍ୱାକମୀ ନିଗମାନନ୍ଦଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ପ୍ରଭୂଦତ୍ତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ବିଭୂତି ଗଙ୍ଗଦେବ, ଓମ ପ୍ରକାଶ ଅଗ୍ରୱାଲ, ଅଶୋକ ଦେବ, ଅଧକ୍ଷ ସୁଜିତ କୁମାର ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପାଠାଗାର ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ଭବିଷ୍ୟତ ପାଇଁ ଦିଗଦର୍ଶନ ହେବ ବୋଲି ସ୍ୱାମୀ ନିଗମାନନ୍ଦ ଜୀ ପ୍ରକାଶ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

**କର୍ଲାମୁଣ୍ଡା,୮।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଭାଗୃହଠାରେ ଗୁରୁବାର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା କୁନି ସାହୁ ଅଧକ୍ଷତାରେ ବିଡିଓ ସୁଚରିତା ମୁଗ୍ରୀ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ମହେନ୍ଦ୍ର ରଣା ଓ ସୁରେଶ ଚୌଧୁରୀ, ଏଇ ସନ୍ଦିପ ନାଏକ, ଜିପିଇଓ ଯୁଗଳ କିଶୋର ନାଏକ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି, ଖବରଦାତା, ବୁଦ୍ଧିଜୀବୀମାନେ ଅଂଶ ଗ୍ରହଣରେ ବିଭିନ୍ନ କମିଟି ଗଠନ କରାଯାଇଥିଲା।

### ଭରୁଆମୁଣ୍ଡାଠାରେ ୩୪ତମ ଲକ୍ଷ୍ମୀପୂଜା

**ସିନାପାଲି,୮।୧୨(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡାଠାରେ ୩୪ତମ ମାଣବସା ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ପାଣି ଆଣି ଗାଁ ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗାଁ ଝାଙ୍କର ହରିଚନ୍ଦ୍ର ମାଝି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ରାତ୍ରିରେ ବିଭିନ୍ନ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଏହା ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ ବୋଲି ପୂଜା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ପ୍ରତ୍ୟହ ରାତ୍ରିରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମୁଥିବା ବେଳେ ଆଖପାଖ ଗ୍ରାମର ବହୁ ଲୋକେ ମା'ଙ୍କ ଦର୍ଶନ କରିବାକୁ ଆସୁଛନ୍ତି। ପୂଜା କମିଟି ସଭାପତି ଦୁର୍ଯ୍ୟୋଧନ ମାଝି, ସମ୍ପାଦକ ସୋଦନ ପଟେଲ, ସନାତନ ବାଗ, ହେରାମ୍ବ ବାଗ, ମହିନ୍ଦ୍ର ମାଝି, ସୁରେଶ ବାଗ, ଉଗ୍ରସନ ହଂସ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଦାୟିତ୍ୱ କରିଛନ୍ତି।

# ମହିଳା, ଶିଶୁ ବିରୋଧୀ ହିଂସା ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼, ୮।୧୨(ଡି.ଏନ୍.ଏ.)**

## ପ୍ରଶାସନ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ



ଆଇନ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ମହିଳା ଏବଂ ଶିଶୁମାନଙ୍କ ବିରୋଧରେ ଦେଖାଯାଉଥିବା ବିଭିନ୍ନ ହିଂସା ନିୟନ୍ତ୍ରଣ କରିବା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏନେଇ ରହିଥିବା ବିଭିନ୍ନ ଆଇନ ବିଷୟରେ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଲାଗି ସୁନ୍ଦରଗଡ଼ରେ ଗୁରୁବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମହିଳା ଆୟୋଗ ଏବଂ ସୁନ୍ଦରଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ବିକାଶ ଭବନଠାରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ରାଜ୍ୟ ମହିଳା ଆୟୋଗର ଅଧକ୍ଷା ଡକ୍ଟର ମିନତି ବେହେରା ଯୋଗଦେଇ ବାଲ୍ୟ ବିବାହ, ଯୌନଶୋଷଣ ଏବଂ ଘରୋଇ ହିଂସା ଆଦି ରୋକିବା ଉପରେ ଗୁରୁତ୍ୱ ଦେଇଥିଲେ। ଗାଁ ଗାଁରେ ରହୁଥିବା ମହିଳାମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ ଜଣାଇବା ଦିଗରେ ଆଶା ଓ ଅଙ୍ଗନୱାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସରପଞ୍ଚ ଏବଂ କଲେଜ ଛାତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ତେଣୁ ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇ ବ୍ୟାପକ ଭାବେ ସଚେତନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ବିକାଶଭବନଠାରେ ମାନବ ଚାଲାଣ ନିରୋଧ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବ୍ଲକର ସିଡିପିଓଙ୍କ ସହ ଆଇସିଡିଏସ ସୁପରଭାଇଜରମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଦୁଇ ପ୍ରମୁଖ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ପରାମର୍ଶଦାତା ଏନ. ଟୁନା ସାହୁ, ପୂର୍ବତନ ବରିଷ୍ଠ କ୍ଷେତ୍ର ଅଧିକାରୀ ବିଜୟା ବରୁଆ, ଲିଗାଲ ଆସିଷ୍ଟାଣ୍ଟ ଅରବିନ୍ଦ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭଶ୍ରୀ ପ୍ରଧାନ, ମାନବ ଚାଲାଣ ନିରୋଧ ୟୁନିଟର ଡିଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ଜିଲା ସୁରକ୍ଷା ଅଧିକାରୀ ଟୁଲେଶ୍ୱରୀ ପଟେଲ, ଆକ୍ସନ ଏଡର ଜିଲା ସଂଯୋଜିକା ମିନାକ୍ଷୀ ପ୍ରଧାନ, ଜିଲା ମିଶନ ଶକ୍ତି ସଂଯୋଜିକା ସୁଶୀଳା ରଥ, ଏନଓପି ଶକ୍ତିରାଣୀ ପାଢ଼ୀ, ବରିଷ୍ଠ କିରାଣୀ କେଲମ ବିଲୁଙ୍ଗ ଓ ଜିଲା ପଞ୍ଚାୟତ ଅଫିସର ପ୍ରମୁଖ ଯୋଗ ଦେଇଥିଲେ।

### ଜିଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ୧୩ ରୁ

**ଦେବଗଡ଼, ୮।୧୨(ଡି.ଏନ୍.ଏ.)**

ଆସନ୍ତା ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେବଗଡ଼ ଜିଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏଥିରେ ୧୪,୧୬,୧୮,୨୦,୨୩ ବର୍ଷ ରୁ କମ, ବାଳିକା ଓ ବାଳକ ଉଭୟ ମହିଳା ଓ ପୁରୁଷ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରତିଯୋଗୀ ଚୟନ କରାଯିବ। ପ୍ରକାଶ ଥାଉକି ଏଥିରୁ ଯେଉଁମାନେ ଚୟନ ହେବେ ସେମାନେ ଆସନ୍ତା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ଦେବଗଡ ଜିଲା ତରଫରୁ ପ୍ରତିନିଧିତ୍ୱ କରିବେ। ଏଥିରେ ଭାଗ ନେବା ପାଇଁ କ୍ରୀଡ଼ାବିତମାନେ ନିଜର ଆଧାରକାର୍ଡ, ଜନ୍ମ ପ୍ରମାଣପତ୍ର ଏବଂ ଶିକ୍ଷା ଅନୁଷ୍ଠାନର ମୁଖ୍ୟଙ୍କ ସ୍ୱୀକୃତିପତ୍ର ସାଙ୍ଗରେ ଆଣି ୧୩ ତାରିଖ ସନ୍ଧ୍ୟା ୪ଟା ସୁଦ୍ଧା ଷ୍ଟାଡିୟମଠାରେ ଉପସ୍ଥିତ ରହିବା ପାଇଁ ଜିଲା କ୍ରୀଡା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଲହୁଣୀପଡ଼ା,୮।୧୨(ଡି.ଏନ.ଏ.)**


ଅତିଥିମାନେ ଫିତାକାଟି କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ବିଶ୍ୱକପ ହକି ପ୍ରତିଯୋଗିତା ଉପଲକ୍ଷେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା କୁଲିଆନି କାଣ୍ଡିର, ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ଲକ୍ଷ୍ମୀ କିଷାନ, ମୁଖ୍ୟବକ୍ତା ଭାବେ ବିଡ଼ିଓ ଧାନାଇ ଚରଣ ଟୁଡୁ ଯୋଗ ଦେଇଥିଲେ। ଲହୁଣୀପଡ଼ା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ରମ ଅଧକ୍ଷତା କରିଥିଲେ। ମନ୍ମଥ ମାହାନ୍ତ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିମାନେ ଫିତାକାଟି କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଶ୍ୱକପ ହକି ଆୟୋଜନ ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ୨୦୨୩ ପୁରୁଷ ବର୍ଗର ହକି ବିଶ୍ୱକପ ଓଡ଼ିଶାରେ ହେବାକୁ ଯାଉଛି। ଏହା ଉଭୟ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଛି। ତେଣୁ ଓଡ଼ିଶା ସରକାର ଏହାକୁ ଆହୁରି ଉତ୍କୃଷ୍ଟ କରିବା ନିମନ୍ତେ ଜିଲାସ୍ତରୀୟ ଫୁଟବଲ ଏବଂ ହକି ଖେଳର ଆୟୋଜକ କରିଛନ୍ତି। ଏହି ଖେଳ ପ୍ରଥମେ ପଞ୍ଚାୟତ ପରେ ବ୍ଲକ ଏବଂ ଜିଲାରେ ହେବ। ଏଣୁ ଏହାର ଦାୟିତ୍ୱ ସମସ୍ତ ବ୍ଲକର ବିଡିଓ ଏବଂ ସ୍ଥାନୀୟ ସରପଞ୍ଚମାନଙ୍କୁ ଦିଆଯାଇଛି। ଦୀର୍ଘ ଦୁଇ ଦିନ ହେବ ଲହୁଣୀପଡ଼ା ପଞ୍ଚାୟତରେ ଏହି ଖେଳ ଆୟୋଜନ ହୋଇଥିଲା। ଏଥିରେ ୪ଟି ହକି ଦଳ ଏବଂ ୮ ଫୁଟବଲ ଦଳ ଭାଗ ନେଇଥିଲେ। ସୀମନ ବାର୍ଲା ଓ ସାମସନ ବାଙ୍କରା ହକି ଦଳର ଖେଳ ପରିଚାଳନା କରିଥିଲେ। ମନ୍ମଥ ମାହାନ୍ତ, ମନୋଜ ତନ୍ତି, ସଞ୍ଜୟ ପସାୟତ ଫୁଟବଲ ଖେଳା ପରିଚାଳନା କରିଥିଲେ। ହକି ଏବଂ ଫୁଟବଲ ଖେଳର ଉନ୍ନତି ପାଇଁ ଉଭୟ ଖେଳରୁ ଦୁଇଟି ଦଳକୁ ଉତ୍ସାହିତ କରିବା ନିମନ୍ତେ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ଲହୁଣୀପଡା ବ୍ଲକ ଅନ୍ତର୍ଗତ ୧୭ ଟି ପଞ୍ଚାୟତରେ ଏହି କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିବା ଜଣାପଡିଛି।

## ଅସହାୟ ବ୍ୟକ୍ତିଙ୍କ ଅନ୍ତିମ ସତ୍କାର କଲେ ବିକାଶ ମଞ୍ଚ କର୍ମକର୍ତ୍ତା

**ଦେବଗଡ଼,୮।୧୨(ଡି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଝରାକଣ୍ଠେଲ ଗ୍ରାମ ପଞ୍ଚାୟତରେ ରହି ଗୋରୁ ଚରାଉଥିବା ଗୋବିନ୍ଦ ମୁଣ୍ଡା (୫୦) ନାମକ ଜଣେ ଅସହାୟ ବ୍ୟକ୍ତିଙ୍କର ବୁଧବାର ମୃତ୍ୟୁ ଘଟିଥିଲା। ମାତ୍ର ତାଙ୍କର ଘର ଏବଂ ଠିକ୍ ପରିଚୟ ନ ମିଳିବା ଏବଂ କୌଣସି ଦାବିଦାର ନ ଥିବାରୁ ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ରଖିଥିଲା। ଏକଥା ଜାଣିବା ପରେ ସ୍ଥାନୀୟ ଦେବଗଡ଼ ଜିଲା ବିକାଶ ମଞ୍ଚର ସଦସ୍ୟମାନେ ତାଙ୍କର ଅନ୍ତିମ ସତ୍କାର ପାଇଁ ସ୍ୱଇଚ୍ଛାରେ ଆଗେଇ ଆସିଥିଲେ। ବିକାଶ ମଞ୍ଚର ସୁଧିର କୁମାର ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପ୍ରଧାନପାଟ ସ୍ଥିତ ସ୍ୱର୍ଗଦ୍ୱାରରେ ହିନ୍ଦୁ ରୀତିନୀତିରେ ଅନ୍ତିମ ସତ୍କାର କରାଯାଇଥିଲା। ଏଥିରେ ଦେବଗଡ଼ ଜିଲା ବିକାଶ ମଞ୍ଚର ଦୟାଶଙ୍କର ଦ୍ୱିବେଦୀ, ସୁମନ୍ତ ଭୋଜ, ପିଙ୍କୁ ଝାଙ୍କର, ଦିଲ୍ଲୀପ ମୁଖି, ରଞ୍ଜିତ ମୁଖି, ବଳରାମ ରଣଜିତ ଓ ବଇଲର ପାତ୍ର ପ୍ରମୁଖ ସହାୟତା କରିଥିଲେ। ସୂଚନାଯୋଗ୍ୟ ଯେ, ଗୋବିନ୍ଦ କିଛି ବର୍ଷ ପୂର୍ବେ ଝରାକଣ୍ଠେଲ ଗ୍ରାମକୁ ଆସି ଗାଇ ଚରାଇବା ସହ ଯିଏ ଯାହା ଦେଲେ ଖାଉଥିଲେ। ଲୋକଙ୍କ ପିଣ୍ଡାରେ ଶୋଇପଡୁଥିଲେ। ବୁଧବାର ଗୋବିନ୍ଦଙ୍କ ମୃତ୍ୟୁ ଘଟିବା ପରେ ପୋଲିସ ତାଙ୍କର ମୃତଦେହ ଜବତ କରିଥିଲେ ହଁ, ତାଙ୍କର ଠିକ ପରିଚୟ ମିଳି ନ ଥିଲା। ସେହିପରି କୌଣସି ସମ୍ପର୍କୀୟ କିମ୍ବା ଦାବିଦାର ନ ଥିବାରୁ ମୃତଦେହ ସତ୍କାର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ପତ୍ର ମାଧ୍ୟମରେ ଦେବଗଡ଼ ପୌର ପରିଷଦର ସହାୟତା ଲୋଡିଥିଲା। ତେବେ ସୂଚନା ପାଇ ଦେବଗଡ଼ ଜିଲା ବିକାଶ ମଞ୍ଚର ସଦସ୍ୟମାନେ ଅନ୍ତିମ ସତ୍କାର ପାଇଁ ଆଗେଇ ଆସିଥିଲେ।


ବିକାଶ ମଞ୍ଚର କର୍ମକର୍ତ୍ତା ମୃତଦେହ ସତ୍କାର କରୁଛନ୍ତି।

### ୩୨୦ ଖଣ୍ଡ ଭୋଟ ପାଇ ଆଧୁନିକ ମେଟାଲିକ୍ସ ୱାର୍କର୍ସ ୟୁନିୟନ ବିଜୟୀ

**ଶ୍ରମିକ ସଂଘ ନିର୍ବାଚନ ଫଳାଫଳ**

**କୁଆଁରମୁଣ୍ଡା,୮।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚାଡ୍ରିହରିହରପୁରସ୍ଥିତ ବହୁଚର୍ଚ୍ଚିତ ଆଧୁନିକ ମେଟାଲିକ୍ସରେ ଶ୍ରମିକ ସଂଘ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା କରାଯାଇଛି। ୪୮୯ ଖଣ୍ଡ ଭୋଟ ମଧ୍ୟରୁ ସର୍ବାଧିକ ୩୨୦ ଖଣ୍ଡ ଭୋଟ ପାଇ ଆଧୁନିକ ମେଟାଲିକ୍ସ ୱାର୍କର୍ସ ୟୁନିୟନ ବିଜୟ ଲାଭ କରିଛି। ଏହି ଶ୍ରମିକ ସଂଘର ନେତା ଶରତ ତନ୍ତୀ , ରାଜେଶ କେର୍କେଟା, ହେମନ୍ତ ଜେନା ବିଜୟର ଶ୍ରେୟ ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କୁ ଦେଇଛନ୍ତି। ବିଜୟୀ ହେଲା ପରେ ଆଧୁନିକ ମେଟାଲିକ୍ସ ୱାର୍କସ ୟୁନିୟନ ପକ୍ଷରୁ କାରଖାନା ଭିତରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇ ଶ୍ରମିକ ଓ କର୍ମଚାରୀମାନଙ୍କୁ ଶ୍ରମିକ ନେତାମାନେ ସାଧୁବାଦ ଜଣାଇଛନ୍ତି। ଏହି ଶୋଭାଯାତ୍ରାରେ ବାନ୍ଦେ ଓରାମ , ଏମ.ଡି. ନଦିମ, ଏମ.ଡିମ ମଞ୍ଜୁର୍ ଓ ଅନ୍ୟମାନେ ସାମିଲ ଥିଲେ। ରାଉରକେଲା ଶ୍ରମ କାର୍ଯ୍ୟାଳୟର ଅଧିକାରୀ ନିର୍ବାଚନ ପରିଚାଳନା କରିଥିଲେ । କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ , ଝାଡେଶର ନାୟକ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ। ଏହି ନିର୍ବାଚନରେ ସୁନ୍ଦରଗଡ଼ ଶ୍ରମିକ ସଂଘକୁ ୧୨୦ ଖଣ୍ଡ ଭୋଟ ମିଳିଥିବା ବେଳେ ସିଟୁକୁ ମାତ୍ର ୪୯ ଖଣ୍ଡ ଭୋଟ ମିଳିଛି।

# ଲାଞ୍ଚ ନେଇ କନିଷ୍ଠ ଯନ୍ତ୍ରୀ ଗିରଫ

**ରାଉରକେଲା ଅଫିସ,୮।୧୨**

ରାଉରକେଲା ରୁରାଲ ଡେଭ୍‌ଲପମେଣ୍ଟ ଡିଭିଜନର କନିଷ୍ଠ ଯନ୍ତ୍ରୀ ଦେବବ୍ରତ ସାହୁ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ରୋଡ୍ କାମର ବିଲ୍ ପାସ୍ କରାଇଦେବା ପାଇଁ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରି ତାଙ୍କୁ ଗିରଫ କରିଛନ୍ତି।

ସୂଚନା ଅନୁସାରେ, ରାଉରକେଲାର ମହେନ୍ଦ୍ର ସାହୁ ରୋଡ୍ କନଷ୍ଟ୍ରକ୍ସନ କାମ କରନ୍ତି। ଗତ ୭ ତାରିଖରେ ମହେନ୍ଦ୍ର କାମ କରିଥିବା ବିଲ୍ ପାସ ପାଇଁ ରାଉରକେଲା ରୁରାଲ ଡେଭଲପମେଣ୍ଟ ଡିଭିଜନକୁ ଯାଇଥିଲେ। ସେଠାରେ କନିଷ୍ଠ ଯନ୍ତ୍ରୀ ଦେବବ୍ରତ ସାହୁ ଏଥିପାଇଁ ତାଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ଏ ନେଇ ମହେନ୍ଦ୍ର ରାଉରକେଲା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସନ୍ଧ୍ୟା ସମୟରେ ମହେନ୍ଦ୍ର କନିଷ୍ଠ ଯନ୍ତ୍ରୀ ସାହୁଙ୍କୁ ଲାଞ୍ଚ ଟଙ୍କା ଦେଉଥିବାବେଳେ ରାଉରକେଲା ଭିଜିଲାନ୍ସ ଏସ୍‌ପି ଆର. କେ. ଦାସ ତାଙ୍କୁ କାବୁ କରିଥିଲେ ଏବଂ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲେ। ସେହିପରି କନିଷ୍ଠ ଯନ୍ତ୍ରୀଙ୍କ ଛେଣ୍ଡ୍ କୋ-ଅପରେଟିଭ କଲୋନି ସ୍ଥିତ ଭଡ଼ାଘର ଏବଂ ଅଫିସ୍‌ରେ ଭିଜିଲାନ୍ସ ପକ୍ଷରୁ ଏକାକାଳୀନ ଯାଞ୍ଚ କରାଯାଇଥିଲା। ଏ ନେଇ ରାଉରକେଲା ଭିଜିଲାନ୍ସ ଏକ ମାମଲା (ନଂ.୨୬।୨୨) ରୁଜୁ କରି ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

**ସୁନ୍ଦରଗଡ,୮।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ପଟୁଆଡିହି ଗ୍ରାମର ବରିଷ୍ଠ କଂଗ୍ରେସ ନେତା ଦୁର୍ଯ୍ୟୋଧନ ସା(୬୦)ଙ୍କ ବୁଧବାର ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତ ସା ମଞ୍ଜି କିଣିବାକୁ ଯାଇଥିବା ସମୟରେ ତାଙ୍କର ହୃଦଘାତ ହୋଇଥିଲା। ପରେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କରି ବିୟୋଗରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ସାଧାରଣ ସମ୍ପାଦକ କାଳୀପଦ ସାମଲ, ପର୍ଶୁରାମ ସରାଫ, ମୁନୁସରାଫ, ଶୁଭେନ ନାଏକ, ସୁଧାଂଶୁ ପଶାୟତ, ଚିନ୍ତାମଣି ସାହୁ, ସଭ୍ୟ ନାରାୟଣ ସାହୁ ଶୋକ ପ୍ରକାଶ କରିଛନ୍ତି।

## ଗଡ଼ିଲା ନିଶା ମୁକ୍ତ ସଚେତନତା ରଥ

**ସୋନପୁର,୮।୧୨(ନି.ପ୍ର.)**

ସୁବର୍ଣ୍ଣପୁରରେ ଗୁରୁବାର ନିଶା ମୁକ୍ତ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଛନ୍ତି। ନିଶା ମୁକ୍ତ ଅଭିଯାନ ଅବସରରେ ଜିଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ଏହି ରଥ ଜିଲାବାସୀଙ୍କୁ ମାଦକଦ୍ରବ୍ୟ ବର୍ଜନ କରିବାକୁ ସଚେତନ କରିବ । ସୁସ୍ଥ ଓ ନିରୋଗ ରହିବା ପାଇଁ ମଦ, ଗଞ୍ଜେଇ, ଡ୍ରଗ୍ସ, ତମାଖୁ ସେବନ ଓ ଧୂମପାନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆ ଯାଇଥିଲା। ଏହି ରଥ ଜିଲା ସଦର ମହକୁମା ସମେତ ବୀରମହାରାଜପୁର, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ଓ ତରଭା ବ୍ଲକ ପରିକ୍ରମା କରିବ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀ, ଡେପୁଟି କଲେକ୍ଟର ଆନନ୍ଦ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

### ମଦ୍ୟପାନ କରି ଗାଡି ଚାଳନା: ୪ କୋର୍ଟ ଚାଲାଣ

**ହେମଗିର,୮।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କେନ୍ଦୁଡିହି ପାଖରେ ହେମଗିର ପୋଲିସ ତରଫରୁ ଗାଡିର ହେଲମେଟ ସହିତ ଲାଇସେନ୍ସ ଓ ମଦ୍ୟପାନର ଯାଞ୍ଚ କରାଯାଉଥିଲା। ୪ ଜଣ ମଦ୍ୟପାନ କରି ଗାଡି ଚାଳନା କରୁଥିଲେ। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ବୀରମିତ୍ରପୁର ବିଜେଡି ପକ୍ଷରୁ ଶୋଭାଯାତ୍ରା

**କୁଆଁରମୁଣ୍ଡା,୮।୧୨(ଡିଏନଏ)**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ବିଜେଡ଼ିର ବିପୁଳ ବିଜୟକୁ ନେଇ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ବିଜେଡ଼ି କର୍ମକର୍ତ୍ତାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏଥିନିମନ୍ତେ ଏକ ବିରାଟ ଶୋଭାଯାତ୍ରା କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେଶ ହାଁସଦାଙ୍କ ତତ୍ତ୍ୱାବଧାନରେ ଗୁରୁବାର ସନ୍ଧ୍ୟାରେ କୁଆଁରମୁଣ୍ଡା ଅଞ୍ଚଳ ପରିକ୍ରମା କରିଥିଲା। ଏହାର ନେତୃତ୍ୱ ନେଇଥିଲେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ରାଜେଶ କେର୍କେଟା ଓ ଅନ୍ୟମାନେ। ଏହି ବିଜୟର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଦ୍ମପୁର ନିର୍ବାଚନ ପ୍ରଚାରରେ ପର୍ଯ୍ୟବେକ୍ଷକ ଭାବେ ପ୍ରଚାର କରିଥିବା ରାଉରକେଲା ବିଧାୟକ ସାରଦା ନାୟକଙ୍କୁ ସ୍ଥାନୀୟ ବିଜେଡ଼ି କର୍ମୀମାନେ ଦେଇଛନ୍ତି ବୋଲି ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ନିଜ ବକ୍ତବ୍ୟରେ କହିଛନ୍ତି। ଏହି ଶୋଭାଯାତ୍ରା କୁଆଁରମୁଣ୍ଡା ଚେକ୍‌ଗେଟ୍ ଠାରୁ ବାହାରି ୧୪୩ ନମ୍ବର ଜାତୀୟ ରାଜପଥ ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି।


କୁଆଁରମୁଣ୍ଡାରେ ବିଜେଡି କର୍ମୀଙ୍କ ଶୋଭାଯାତ୍ରା।

# ଦାମନଯୋଡ଼ିକୁ ହରାଇ ସମ୍ବଲପୁର ବିଜୟୀ



ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟର ଅତିଥିଙ୍କ ସହ ଖେଳାଳି।

**ଦେବଗଡ଼,୮।୧୨(ଡି.ଏନ୍.ଏ.)**

**ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ ଗୃପ 'ବି'ର ପ୍ରଥମ ମ୍ୟାଚରେ ଗୁରୁବାର ଭାସ୍କର ଏକାଡେମୀ ଦାମନଯୋଡି ବନାମ ଡ଼ଲଫିନ କ୍ଲବ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ୬-୦ ଗୋଲରେ ଦାମନଯୋଡି ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ମ୍ୟାଚରେ ଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ (ଝୁନୁ), ଭାଜପା ପୂର୍ବତନ ଜିଲା ସଭାପତି ଅରୁଣ କୁମାର ସାହୁ, ସମାଜସେବୀ ରମଣୀ ଆଚାର୍ଯ୍ୟ, ଯୁବନେତା ଦୟାଶଙ୍କର ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚରେ ସମ୍ବଲପୁର ଦଳର ଖେଳାଳି ବିଜୁ ଓରାମ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି। ଖେଳକୁ ନୀଳ ନାଏକ, ରାଜ ମଣ୍ଡଳ, ବିଜୟ କୁଳସରି ଓ ଅଶ୍ୱିନୀ ବରିହା ପରିଚାଳନା କରିଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ବେଣୁଧର ଗଡନାୟକ। କ୍ଲବର ସୁବାସ ଭୋଇ, ସଞ୍ଜିବ ବେହେରା, ଯୋଗେଶ୍ୱର ସାହୁ, ବିକାଶ ପ୍ରଧାନ, ସଞ୍ଜିବ ନାଏକ, ଅନନ୍ତ ମେହେର, ପ୍ରଦୀପ ବେହେରା, ରୂପକ ମାଝୀ, ଶରତ ମେହେର, ବିକାଶ ଅଗ୍ରୱାଲ, ଯୋଗେଶ ନାଏକ, ଚିତ୍ତ ମହାନନ୍ଦ, ଦୀପକ ବେହେରା ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଦେବଗଡ଼ ସହିତ ମଧ୍ୟପ୍ରଦେଶର ଖେଳ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବୃନ୍ଦାବନ ବିହାରୀ ମନ୍ଦିରରେ ଗୀତା ଜୟନ୍ତୀ

ସୋନପୁର,(ନି.ପ୍ର.): ସୋନପୁର ସହର ରାୟଗୁରୁପଡାସ୍ଥିତ ବୃନ୍ଦାବନ ବିହାରୀ ମନ୍ଦିରରେ ପବିତ୍ର ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମାର୍ଗଶିର ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କର ପବିତ୍ର ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଥିଲା । ବିଶ୍ୱର କଲ୍ୟାଣ ପାଇଁ ସକାଳ ୮ଟାରୁ ପୂଜା ପାଠ ଆରମ୍ଭ ହୋଇଥିଲା । ପଣ୍ଡିତ ରଜେନ୍ଦ୍ର କୁମାର ମହାପାତ୍ର, ରଘୁନାଥ ମିଶ୍ର, ପୀତବାସ ମିଶ୍ର, ଶ୍ରୀତମ ମହାପାତ୍ର, ବିଧାନ ପାଣିଗ୍ରାହୀ, ଜୟନାରାୟଣ ମହାପାତ୍ର, ନାଦୁ ରାୟଗୁରୁ, ଲେକେନ୍ଦୁ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଉତ୍ତମ ପଣ୍ଡା, ବଳରାମ ଆଚାର୍ଯ୍ୟ ସୁବାସ ମିଶ୍ର ପ୍ରମୁଖ ପୂଜା ପାଠ ଓ ହୋମ ଯଜ୍ଞ କରିଥିଲେ ।

### ସଂକ୍ଷେପରେ

## ସୁବର୍ଣ୍ଣପୁର ଓମ୍‌ସାର କର୍ମକର୍ତ୍ତା ନିର୍ବାଚନ

### ନରେନ୍ଦ୍ର ମେହେର ସଭାପତି, ସୁବାସ ପଣ୍ଡା ସମ୍ପାଦକ




ସୋନପୁର,୮।୧୨(ନି. ପ୍ର ): ଓଡିଶା ମେଡିକାଲ ସେବା ସଂଘ ସୁବର୍ଣ୍ଣପୁର ଶାଖାର ସାଧାରଣ ପରିଷଦ ବୈଠକ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ତାଲିମ କେନ୍ଦ୍ରଠାରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବ ସମ୍ମତି କ୍ରମେ ଡାକ୍ତର ନରେନ୍ଦ୍ର କୁମାର ମେହେର ସଭାପତି ଏବଂ ଡାକ୍ତର ସୁବାସ ଚନ୍ଦ୍ର ପଣ୍ଡା ସଂପାଦକ ଭାବେ ମନୋନୀତ ହୋଇଥିଲେ। ସଭାରେ ଡାକ୍ତରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିବା ବେଳେ ସଂଘର ରାଜ୍ୟ ଶାଖା ମାଧ୍ୟମରେ ତାହା ସରକାରଙ୍କ ନଜରକୁ ଆଣିବାକୁ ନିଷ୍ପତ୍ତି ନିଆଗଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦୈତ୍ୟ ନାରାୟଣ ପାଢ଼ୀ, ଅତିରିକ୍ତ ଜିଲା ଜନସାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ରମେଶ ଚନ୍ଦ୍ର ସାଇଁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅନେକ ଡାକ୍ତର ଏହି ସଭାରେ ଉପସ୍ଥିତ ଥିଲେ। ଓମସା ସୁବର୍ଣ୍ଣପୁର ଶାଖାର ବିଦାୟୀ ସଂପାଦକ ଡା. ନନ୍ଦ କିଶୋର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା

ସୋନପୁର,୮।୧୨(ନି.ପ୍ର.): ସୋନପୁର ଉପକାରାଗାର ପରିସରରେ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ହୋଇଛି। ତିନି ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ମହାବୀର ମନ୍ଦିର ପୂଜା କମିଟି ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ କଳସ ଶୋଭାଯାତ୍ରା ସହିତ ପ୍ରତ୍ୟହ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାରାଗାର ଅଧୀକ୍ଷକ ଡିଲେଶ୍ୱର ଜେନା ଓ ଧର୍ମପତ୍ନୀ ନିଳୀମା ସ୍ୱାଇଁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବଲାଡି ମଠର ମହନ୍ତ ସୁରେନ୍ଦ୍ର ଗିରି(ହନୁମାନ ବାବା)ଙ୍କ ତତ୍ତ୍ୱାବଧାନରେ ନୂତନ ମନ୍ଦିର ଓ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ବ୍ୟାସ ରମେଶ ଚନ୍ଦ୍ର ପୁରୋହିତ, ଜଳନ୍ଧର ସାହୁ ଓ ଲକ୍ଷ୍ମଣ କୁମାର ଦାଶ ସୁନ୍ଦରକାଣ୍ଡ ପାରାୟଣ କରିଥିଲେ। ପଣ୍ଡିତ ଖଗେଶ୍ୱର ମିଶ୍ର, ମାନସ ଆଚାର୍ଯ୍ୟ, ନାରାୟଣ ମିଶ୍ର ଓ ସୌରଭ ପାଣିଗ୍ରାହୀ ହୋମ ଯଜ୍ଞ ଏବଂ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସବ୍‌ଜେଲର କ୍ଷୀରୋଦ ବିହାରୀ ଦାଶ, ଜେଲ ଫାର୍ମାସିଷ୍ଟ ପ୍ରଭାକର ଦଳେଇ, ପ୍ରଭାତ ଦାଶ, ଆଲୋକ ଷଡଙ୍ଗୀ ଓ ବୈକୁଣ୍ଠନାଥ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

## ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କଳା ବ୍ୟାଜ୍ ପିନ୍ଧି ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତିବାଦ

ଖପ୍ରାଖୋଲ,୮।୧୨(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ସ୍ୱାସ୍ଥ୍ୟକର୍ମୀମାନେ କଳା ବ୍ୟାଜ୍ ପିନ୍ଧି ଗୁରୁବାର ପ୍ରତିବାଦ କରିଥିବା ଦେଖାଦେଇଛି। ୫ ଦଫା ଦାବିରେ ସ୍ୱାସ୍ଥ୍ୟ କର୍ମୀମାନେ ପୂର୍ବରୁ ଦାବିପତ୍ର ଦେଇଥିଲେ ମଧ ସରକାର ଦାବି ପୂରଣ କରି ନ ଥିବାରୁ ପ୍ରତିବାଦରେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ ରୋଗୀସେବା କରିଛନ୍ତି। ସ୍ୱାସ୍ଥ୍ୟ କର୍ମୀଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ସାହୁ, ନାରାୟଣ ପ୍ରଧାନୀ, ମାନସ ମେହେର, ରିତା ସାହୁ, ବି. ପ୍ରଧାନ, ବିନୟ କୁମାର ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ସଚେତନତା ଶୋଭାଯାତ୍ରା

ଅମରପାଲି,୮।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା କରାଯାଇଛି।ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଜୁଏଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଗିରିଧାରୀ ସାହୁ ,ପ୍ରସନ୍ନ କୁମାର ସାହୁ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ସଞ୍ଜୁ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ପକ୍ଷ ପାଳନର ଆବଶ୍ୟକତା ଓ ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସାଧାରଣ ମହିଳାମାନେ ଯୋଗ ଦେଇଥିଲେ। ଶେଷରେ ମହିଳାମାନଙ୍କୁ ନେଇ ସ୍ୱଚ୍ଛତା ଉପରେ ଏକ ପ୍ରତିଯୋଗୀତା କରାଯାଇ ଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା।

# ଅସହାୟ ପରିବାରକୁ ସହାୟତା କଲା ପ୍ରଶାସନ

ଖଡ଼ିଆଳ,୮।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୁଲିଆସିକୁଆଁ ଗାଁର ଅସହାୟ ହିରଧର ମେହେରଙ୍କ ପରିବାରକୁ ପ୍ରଶାସନ ସହାୟତା କରିଛି। ହିରଧରଙ୍କ ସ୍ତ୍ରୀ ଜ୍ୟୋତି ମେହେର, ୩ପୁଅଙ୍କୁ ନେଇ ତାଙ୍କ ପରିବାର। ସ୍ତ୍ରୀ ମାନସିକ ରୋଗୀ ହୋଇଥିବାବେଳେ ଅର୍ଥ ଅଭାବରୁ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏଥିସହ ତିନି ପୁଅଙ୍କ ଲାଳନ ପାଳନ ଠିକ ଭାବେ କରିପାରୁ ନ ଥିବାବେଳେ ଏକ ଭଙ୍ଗା ଦଦରା ଘରେ ଜୀବନ ବିତୁଛି। ତେବେ ହିରାଧରଙ୍କ ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପରେ ଖଡ଼ିଆଳର ୨ ସାମାଜିକ କର୍ମୀ ଭଜମନ ତାଣ୍ଡି ଓ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ଉଦ୍ୟମରେ ପ୍ରଥମେ ୩ପୁଅଙ୍କୁ ଖଡ଼ିଆଳସ୍ଥିତ କାରୁଣ୍ୟ ବାଲ ନିକେତନରେ ପାଠ ପଢ଼ାଇବାକୁ ନାମ ଲେଖାଇଥିଲେ। ଉକ୍ତ ଘଟଣା ପରେ ଗୁରୁବାର ସହଯୋଗର ହାତ ବଢ଼ାଇଛି ପ୍ରଶାସନ। ମାନସିକ ରୋଗରେ ଆକ୍ରାନ୍ତ ହୋଇ ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଅସହାୟ ଅବସ୍ଥାରେ ଥିବା ଜ୍ୟୋତିଙ୍କୁ ପ୍ରଶାସନ ତତ୍ପରତା ଦେଖାଇଛି। ଖଡ଼ିଆଳ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ଅନ୍ନଦା ଶଙ୍କର ଦାସଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ ଉକ୍ତ ଗ୍ରାମକୁ ଯାଇ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କର ଚିକିତ୍ସା ଜାରି ରହିଛି ଏବଂ ଆବଶ୍ୟକ ସ୍ଥଳେ ଜ୍ୟୋତିଙ୍କ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯିବା ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା ରଞ୍ଜିତ ରାଉତ ପ୍ରକାଶ କରିଛନ୍ତି।


ମାନସିକ ରୋଗୀ ଜ୍ୟୋତି ମେହେରଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

# ବହଳପଦରକୁ ହରାଇ ସିଣ୍ଡୋଲ ଚାମ୍ପିୟନ

### ତୃତୀୟ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ

ଅମରପାଲି,୮।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ହାଇସ୍କୁଲ ଖେଳ ପଡିଆରେ ପାଞ୍ଚ ଦିନ ଧରି ଚାଲିଥିବା ତୃତୀୟ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବହଳପଦର କୁ ହରାଇ ସିଣ୍ଡୋଲ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ଖୁଣ୍ଟୁଲାପାଲି ଓ ବହଳପଦର ମଧ୍ୟରେ ହୋଇଥିଲା । ଏଥିରେ ବହଳପଦର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୨ ରନ କରିଥିବା ବେଳେ ଖୁଣ୍ଟୁଲାପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭୫ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ସିଣ୍ଡୋଲ ଓ ବାଲଜୁରୀ ଦଳ ମଧ୍ୟରେ ହୋଇଥିଲା । ଏଥିରେ ସିଣ୍ଡୋଲ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ସିଣ୍ଡୋଲ ଓ ବହଳପଦର ଦଳ ମଧ୍ୟରେ ହୋଇଥିଲା ।ବହଳପଦର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭୩ ରନ କରିଥିବା ବେଳେ ସିଣ୍ଡୋଲ ଦଳ ୮ ଓଭରରେ ଆବଶ୍ୟକ ୭୪ ରନ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ଭକ୍ତି ଚରଣ ମେଣ୍ଡିଲି ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ନଗଦ ୬ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଫାଇନାଲ ଖେଳକୁ ନୀଳମଣି ମେଣ୍ଡିଲି ଓ ରାମଗୋପାଲ ବାରକୁଟିଆ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ପ୍ରକାଶ ସେଠୀ ସ୍କୋରିଂ ଏବଂ ନିତ୍ୟାନନ୍ଦ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ରାଧେଶ୍ୟାମ ପାଢ଼ୀ,ଶେଷଦେବ ବାରିକ, ପ୍ରଦ୍ୟୁମ୍ନ ପାଢ଼ୀ, ରୋହିତ ମଲ୍ଲିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

କୋକସରା,୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଭବାନୀପାଟଣା ଟାଉନ ହଲଠାରେ ଆୟୋଜିତ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ ସମ୍ବର୍ଦ୍ଧନା ଉତ୍ସବରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଡିଆଇପିଆରଓ ମନୋଜ କୁମାର ବେହେରା, ଡିପିଏମ ଅବନି ରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ଯୋଜନା ୨୦୨୧–୨୨ ବର୍ଷରେ ଉତ୍ତମ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିବା ବେଳେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱଚ୍ଛତା, ସଂକ୍ରମଣ ନିୟନ୍ତ୍ରଣ ଓ ପରିମଳ ବ୍ୟବସ୍ଥାରେ ଉତ୍ତମ ପାରଦର୍ଶିତା ଯୋଗୁ କାୟାକଳ୍ପ ପ୍ରଶଂସା ପତ୍ର ଦିଆଯାଇଛି। ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓଙ୍କଠାରୁ ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼.ତତ୍ତ୍ୱଦର୍ଶୀ ଦାସ ଏହି ମାନପତ୍ର ଗ୍ରହଣ କରିଛନ୍ତି। ଏହା ବ୍ୟତୀତ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଆମପାଣି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଟୋମୁଣ୍ଡା ଓ ମିର୍ଜାପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ମଧ ପ୍ରଶଂସା ପତ୍ର ମିଳିଛି। ଏହି ମାନପତ୍ର ଗ୍ରହଣ ସମୟରେ ଆମପାଣି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ସୁଶିଳ କୁମାର ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶୁଖା ପାକ୍ସ ଧାନମଣ୍ଡି ଉଦ୍‌ଘାଟିତ

ଡୁଙ୍ଗୁରିପାଲି,୮।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶୁଖା ପାକ୍ସ ପରିସରରେ ଖରିଫ ଧାନ ସଂଗ୍ରହ ଗୁରୁବାର ଆରମ୍ଭ ହୋଇଛି । ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ପ୍ୟାକ୍ସ ସଭାପତି ରୋଶନ ବିଶ୍ୱାଳ, ସ୍ୱାଧୀନ ବିଶ୍ୱାଳ, ରଞ୍ଜନ ଠେଲା, ସୁରଞ୍ଜିତ ସାହୁ, ଖଗେଶ୍ୱର ରଣା, ସୀତାରାମ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀ ଧାର୍ଯ୍ୟ ସମୟରେ କିପରି ଧାନ ବିକ୍ରି କରିପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା । ଚାଷୀ ହରି ମହାଲିଙ୍ଗଙ୍କ ସହ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଶୁଖା ପାକ୍ସରୁ ଚାଷୀ ପ୍ରସଂଜିତ ସାହୁଙ୍କ ୭୫ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା । ଶୁଖା ପାକ୍ସ ସମ୍ପାଦକ ରୋହିତ କୁମାର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଧାନମଣ୍ଡି ଉଦ୍‌ଘାଟନ ସମୟରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘର ସ୍ମାରକପତ୍ର

ସୋନପୁର,୮।୧୨(ନି.ପ୍ର.)

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସପ୍ତମ ବେତନ ହାରରେ ଦରମା, ଅଣ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ, କର୍ମଚାରୀମାନଙ୍କୁ ଅବସରକାଳୀନ ସୁବିଧା, ଚାକିରୀ ସର୍ତ୍ତାବଳୀ, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି ଓ ପୁରୁଣା ପେନସନ ଯୋଜନାରେ ସାମିଲ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଓଷ୍ଟାର ସମ୍ପାଦକ ସୁଶିଲ କୁମାର ବିଶି, ସୋନପୁର କଲେଜର ଦୁର୍ଯୋଧନ ସାହୁ, ପ୍ରଫୁଲ୍ଲ କୁମାର ନାଏକ, ହରିଶଙ୍କର ମିଶ୍ର, ସୌରଭ ରଞ୍ଜନ ଖମାରୀ ଓ ବାସୁଦେବ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ । ଦାବି ପୂରଣ ନ ହେଲେ ଆସନ୍ତା ୧୭ ତାରିଖରେ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# କୁଲୁଙ୍ଗାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ରାଉରକେଲା ଅଫିସ,୮।୧୨

ରାଉରକେଲା କୁଲୁଙ୍ଗା ଅଞ୍ଚଳରେ ଶାନ୍ତି ଓ ସଦ୍‌ଭାବନା ବଜାଇ ରଖିବା ପାଇଁ ଗୁରୁବାର ବ୍ରାହ୍ମଣୀତରଙ୍ଗ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଏଥିସହ ସେଠାକାର ଜନସାଧାରଣଙ୍କୁ କୌଣସି ଦଙ୍ଗା ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବା ପାଇଁ ସତର୍କ କରାଯାଇଥିଲା। ସୂଚନାଯୋଗ୍ୟ, ଗୁରୁବାର ସାଢେ ୧୧ଟାରେ ବ୍ରାହ୍ମଣୀତରଙ୍ଗ ଥାନା ପରିସରରେ କୁଲୁଙ୍ଗା ମୁସଲିମ ବସ୍ତିର କିଛି ଯୁବକ ଓ ଅନ୍ୟ ଜଣେ ହିନ୍ଦୁ ଯୁବକଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ ନେଇ ବ୍ରାହ୍ମଣୀତରଙ୍ଗ ଏସ୍‌ଆଇ ଅର୍ଜ୍ଜୁନ ସେଠୀ ସେମାନଙ୍କୁ ପାଟିତୁଣ୍ଡ ନ କରିବା ପାଇଁ କହିଥିଲେ। ଫଳରେ ଉତ୍ତ୍ୟକ୍ତ ଯୁବକମାନେ ପୋଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଥାନା କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଏ ନେଇ ପୋଲିସ ପକ୍ଷରୁ ସେମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସାମ୍ପ୍ରଦାୟିକ ପରିସ୍ଥିତି ନ ଉପୁଜିବା ପାଇଁ ପୋଲିସ ପକ୍ଷରୁ କୁଲୁଙ୍ଗା ତଥା ଆଖାପାଖ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା।


କୁଲୁଙ୍ଗା ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ କ୍ରୀଡ଼ା

ସିନାପାଲି,୮।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଟିମନପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ୨ ଦିନ ଧରି ଚତୁର୍ଥ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଖର୍ସେଲ ପଞ୍ଚାୟତ ସରପଞ୍ଚ ବୀରେନ୍ଦ୍ର କୁମାର ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ସିଆରସିସି ଅତୁଲ କୁମାର ସୁପକାର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ରୀଡା ଉତ୍ସବରେ ମୋଟ ୨୨ଟି ଖେଳ ବିଭାଗରେ ପ୍ରାୟ ୪ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଞ୍ଜନ ହଂସ, ଯଜ୍ଞସେନି ମାଝି, ମିନତୀ ମାଝି, ଦିଲୀପ ମାଝି ଖେଳ ଚାମ୍ପିୟନ ହୋଇଥିଲେ। ଦଳଗତ ହାଉସ ମଧ୍ୟରେ ବ୍ରହ୍ମଣୀ ଦଳ ଚାମ୍ପିୟନ ହୋଇଥିଲା। ଶିକ୍ଷକ ନରେନ୍ଦ୍ର କୁମାର ନାଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କର୍ମୀ, ସନ୍ଦୀପ ସାହୁ, ଲଳିତ ତାଣ୍ଡି,ସନ୍ଦୀପ ସ୍ୱାଇଁ, ପ୍ରଦୀପ ବେହେରା, ଅନୀଲ ସାହୁ, ହେମସିଙ୍ଗ ମାଝି, ସୁନୀଲ କୁମ୍ଭାର, ପୁରନ୍ଦର ଅହୀର, ଲିପିକା ଲୁହା, ସୁଭସ୍ମିତା ତ୍ରିପାଠୀ, ରାଜେଶ ବାରିକ, ଅଲିଭ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଶ୍ରୀନିବାସ ସୁତାର ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀରେ ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଘନଶ୍ୟାମ ଭୋଇ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟବ୍ରତ ଗହୀର ଓ ସିଆରସିସି ଅତୁଳ କୁମାର ସୁପକାର ଯୋଗଦାନ କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ବିଜୟ ରଞ୍ଜନ କର୍ମୀ ଉଦଘାଟନୀ ସମାରୋହରେ ସଭାପତିତ୍ୱ କରିଥିଲେ। କ୍ରୀଡା ଶିକ୍ଷକ ଲଛମନ ସାମଲ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର କୁମାର ନାଏକ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀନିବାସ ସୁତାର ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ରୁଦ୍ର


@ ସୁଧାଂଶୁ ଶେଖର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ପୋଲିସ

ଦେଓଗାଁ,୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବିଡିଘାଟରେ କୌଶଲ ବାରିକଙ୍କ ଧାନଖରୀକୁ ପୋଡି ଦେବା ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବିଡିଘାଟର ଘନଶ୍ୟାମ ଓରଫ ମୁଟୁ ବେହେରା (୧୯) ଓ କଏଁଟୁ ଗୁରୁ (୨୫) । ଚାଷୀ କୌଶଲଙ୍କ ଅଭିଯୋଗ ଅନୁସାରେ ବୁଧବାର ରାତିରେ ଗାଁର ୨ଜଣ ଯୁବକ ଆସି ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଡ ମାରିଥିଲେ। ପରେ ସମ୍ପୃକ୍ତ ଯୁବକମାନେ ତାଙ୍କ ର ଦୁଇଟି ଧାନଖରୀରେ ନିଆଁ ଲଗାଇ ଦେଇଥିଲେ। ଦମକଳ ବାହିନୀ ପହଞ୍ଚିବା ବେଳକୁ ଧାନଖରୀ ସମ୍ପୂର୍ଣ୍ଣ ରୂପେ ପୋଡି ଯାଇଥିଲା । ବର୍ତ୍ତମାନ ଚାଷୀ ଜଣକ ବର୍ଷକର ଫସଲ ହରାଇ କେମିତି ପରିବାର ଚଳାଇବେ ସେହି ଚିନ୍ତାରେ ଅଛନ୍ତି ।


**OFFICE OF THE MUNICIPAL COUNCIL, KEONJHARGARH**

At/P.O.-Keonjhargarh, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail:-keonjharm.hud@rediffmail.com
Website - https://keonjhargarhmc.in/

**"Expression of Interest (EOI) for Management of Ward Offices by Mission Shakti SHG During the Year 2023-24"**

No.9040 Date:05.12.22

**No.C-1823:** Keonjhargarh Municipality invites Expression of Interest in sealed cover from interested Mission Shakti SHGs to be engaged for managing Ward Offices of Urban Local Bodies (ULBs) during the Year 2023-24. The sealed Expression of Interest should be submitted to the address of respective ULBs on or before date 20/12/2022, Time-5:30 P.M by registered/speed post only.

The Technical Bid will be opened on date 21/12/2022 at 11A.M in the Mini conference hall of Keonjhargarh Municipality. The sealed envelope should be superscripted with "EOI for Management of Ward Offices by Mission Shakti SHGs, 2023-24". The detailed terms and conditions of the Expression of Interest is available in website.

**https://keonjhargarhmc.in/, https://kendujhar.nic.in/**
**Sd./-Executive Officer, Keonjhargarh Municipality**
OIPR-13115/11/0010/2223



**ZILLA SWASTHYA SAMITI,NABARANGPUR**
**OFFICE OF CDM & PHO-cum-District Mission Director, Nabarangpur**

Advt.No.316/NHM/NGP Date:07.12.2022

**ADVERTISEMENT**

**No.E-710:** Applications are invited from the eligible candidates to fill up various posts under National Health Mission(NHM) Nabarangpur on contractual basis with monthly remuneration as noted against each. Applicants can log on to www.nabarangpur.nic.in for details of vacancy, eligibility criteria, Age,Remuneration,Application forms and other terms & conditions. The candidates are advised to send their self attested photocopies of all the relevant educational certificates in accordance to post applied for along with the completed prescribed Application Form as hoisted in the website and can apply to the CDM & PHO, Nabarangpur AT /PO-Mirganguda District:-Nabarangpur.PIN-764059.through Registered Post/ Speed Post only to the undersigned on or before 27.12.2022 by 5 PM.The envelope containing the application should be superscribed clearly with the name of the post applied for........ The candidates are requested to log on to district website of Nabarangpur www.nabarangpur.nic.in regarding notification of selection process/Shortlisted candidates / updated result / notification etc.The undersigned reserves the right for any modification /cancellation of advertisement without assigning any reason thereof.

**Sd./- (Dr. Kali Prasad Behera)**
**CDM & PHO-cum-District Mission Director**
**Nabarangpur**
OIPR-10164/11/0002/2223

